## ସଂକ୍ଷେପରେ

### କପି କରି ଧରାପଡିଲେ ୫ ମାଟ୍ରିକ ପରୀକ୍ଷାର୍ଥୀ

**କେନ୍ଦ୍ରାପଡା ଅଫିସ,୨୨।୨:** ଗତ ୧୯ ତାରିଖ ଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। ଦ୍ୱିତୀୟ ଦିନରେ ଅନୁଷ୍ଠିତ ଇଂଲିଶ ଭାଷା ପରୀକ୍ଷାରେ ଜିଲାର ବିଭିନ୍ନ ବିଦ୍ୟାଳୟରେ ୫ ଜଣ ପରୀକ୍ଷାର୍ଥୀ କପି କରି ଧରା ପଡିଥିବା ଜିଲା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି। ସୂଚନା ଅନୁଯାୟୀ, ପଟ୍ଟାମୁଣ୍ଡାଇ ବ୍ଲକ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୨ ଜଣ, ଚନ୍ଦନନଗରସ୍ଥ ମଦନମୋହନ ବିଦ୍ୟାପୀଠରେ ଜଣେ ଓ ଏହି ବ୍ଲକର ମଦନ ମହାବୀର ନୋଡାଲ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୨ ଜଣ ପରୀକ୍ଷାର୍ଥୀ ବିଭାଗ ପକ୍ଷରୁ ଗଠିତ ସ୍ୱତନ୍ତ୍ର ସ୍କ୍ୱାଡ୍ ହାତରେ ଧରା ପଡିଛନ୍ତି।

### କୀର୍ତ୍ତନ ମଣ୍ଡଳୀ କଳାକାରଙ୍କୁ ସମ୍ବର୍ଦ୍ଧନା

**ରାଜନଗର,୨୨।୨(ଡି.ଏନ.ଏ.):** ଶିବରାତ୍ରି ଅବସରରେ ଶୁକ୍ରବାର ରାଜନଗର ବ୍ଲକ ଗୋସିଗାଁର ଶୈବପୀଠ ଶ୍ରୀ ଶ୍ରୀ ଗର୍ତ୍ତେଶ୍ୱର ମହାଦେବଙ୍କ ପ୍ରାଙ୍ଗଣରେ କୀର୍ତ୍ତନ ମଣ୍ଡଳୀ ଓ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଉପଲକ୍ଷେ ପୂର୍ବତନ ସରପଞ୍ଚ ଶୈଳେନ୍ଦ୍ର କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଏକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ କୀର୍ତ୍ତନ ମଣ୍ଡଳୀ କଳାକାର ଆକୁଳି ଚରଣ ରାଉତ, ହୃଷୀକେଶ ବିଶ୍ୱାଳ, ସୁକାନ୍ତ ବିଶ୍ୱାଳ, ଗୌରାଙ୍ଗ ରାଉତ, କୈଳାସ ଚନ୍ଦ୍ର ରାଉତ, ନାରାୟଣ ରାଉତ, ଅଭିରାମ ପ୍ରଧାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁରେନ୍ଦ୍ର ପ୍ରସାଦ ରାଉତ, ବ୍ଲକ ବିଜେଡି ସାଧାରଣ ସଂପାଦକ ନରହରି ଜେନା ପ୍ରମୁଖ ଯୋଗ ଦେଇଥିଲେ। ଭକ୍ତି ପୁଷ୍ପାଞ୍ଜଳି ସଙ୍ଗୀତ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

### ଗର୍ତ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ କଲ୍ୟାଣ ମଣ୍ଡପ ପାଇଁ ଶିଳାନ୍ୟାସ

**ରାଜନଗର,୨୨।୨(ଡି.ଏନ.ଏ.)** ରାଜନଗର ବ୍ଲକ ସାନବଡଗୋପାଳପୁର ପଞ୍ଚାୟତ ଗୋସିଗାଁସ୍ଥିତ ଗର୍ତ୍ତେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି। ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶିଳାନ୍ୟାସ କରିଥିଲେ। କଲ୍ୟାଣମଣ୍ଡପ ନିର୍ମାଣ ହେଲେ ବହୁ ପୁରାତନ ଏହି ଶୈବପୀଠକୁ ଆସୁଥିବା ଶ୍ରଦ୍ଧାଳୁମାନେ ରାତ୍ରୀଯାପନ କରିବା ସହିତ ବିବାହ, ବ୍ରତ ଆଦି ସୁବିଧାରେ କରି ପାରିବେ ବୋଲି ବିଧାୟକ ସାହୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ସେଠୀ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁରେନ୍ଦ୍ର ପ୍ରସାଦ ରାଉତ, ନରହରି ଜେନା, ମହେନ୍ଦ୍ର ରାଉତ, ବାଇଧର ସେଠୀ, ପ୍ରଭାକର ସେଠୀ, ଶୈଳେନ୍ଦ୍ର ବିଶ୍ୱାଳ, କ୍ଷୀରୋଦ ରାଉତ, ଚନ୍ଦ୍ରମଣି ରାଉତ, ରଞ୍ଜନ କୁମାର ପାଢୀ, ପୂର୍ଣ୍ଣଚନ୍ଦ୍ର ରାଉତଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

# ଅଲିଭ୍ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ବ୍ୟବସ୍ଥା ଢିଲା

- ନିଷିଦ୍ଧାଞ୍ଚଳରେ ମାଛ ବ୍ୟବସାୟୀଙ୍କ ରାଜୁତି
- ସମସ୍ୟା ବଢାଇଛନ୍ତି ଅନୁପ୍ରବେଶକାରୀ
- ବନ ବିଭାଗର କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନବାଚୀ

**କେନ୍ଦ୍ରାପଡା ଅଫିସ, ୨୨।୨**

ବିରଳ ସାମୁଦ୍ରିକ କଇଁଛ ଅଲିଭ ରିଡଲେଙ୍କୁ ସୁରକ୍ଷା ଦେବାରେ ବନ ବିଭାଗ ଫେଲ୍ ମାରିଛି। ବନବିଭାଗର କଟକଣା ସତ୍ତ୍ୱେ ଟ୍ରଲର ନିଷିଦ୍ଧାଞ୍ଚଳରେ ପଶି ମାଛ ମାରୁଥିବା ଦେଖିବାକୁ ମିଳୁଛି। ଟ୍ରଲର ମାଡରେ କଇଁଛମାନେ ଆହତ ହେଉଥିବା ବେଳେ କେତେକଙ୍କର ମୃତ୍ୟୁ ହେଉଛି। ଏହି ବିରଳ କଇଁଛଙ୍କ ପ୍ରଜନନସ୍ଥଳୀ ଭାବେ ପରିଚିତ କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକର ଭିତରକନିକା ସଂଲଗ୍ନ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ଅଲିଭ ରିଡଲେଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗହୀରମଥା ସମେତ ବାବୁବାଲି, ଅଗରନାଶୀ ଦୀପରେ ଏହି ପ୍ରଜାତିଙ୍କର ଏବେ ଭିଡ ଜମିଥିବା ବେଳେ ମତ୍ସ୍ୟଜୀବୀମାନେ ଟ୍ରଲରରେ ସେହି ଅଞ୍ଚଳକୁ ଯାଇ ବେଆଇନ ଭାବେ ମାଛ ମାରୁଛନ୍ତି। ଫଳରେ ରାଜନଗର ଓ ଆଖପାଖ ବେଳାଭୂମିରେ ବହୁ ସଂଖ୍ୟାରେ କଇଁଛଙ୍କ ମୃତଦେହ ପଡିଥିବା ଦେଖିବାକୁ ମିଳୁଛି। ଏମାନଙ୍କ ସୁରକ୍ଷା ପାଇଁ ପ୍ରତିବର୍ଷ ନଭେମ୍ବରରୁ ମେ ମାସ ଶେଷଯାଏ ଜିଲାର ତଟବର୍ତ୍ତୀ ଅଞ୍ଚଳରୁ ୨୦ କିଲୋମିଟର ପର୍ଯ୍ୟନ୍ତ ସମୁଦ୍ର ଜଳରାଶି ମଧ୍ୟକୁ ମାଛଧରା ନିଷେଧ କରାଯାଇଛି। ୧୯୭୨ ମସିହା ବନ୍ୟଜନ୍ତୁ ସଂରକ୍ଷଣ ଆଇନ, ଓଡ଼ିଶା ମେରାଇନ ଫିଶର ରେଗୁଲେଶନ ଆକ୍ଟ ୧୯୮୨ରେ ସମୁଦ୍ରର ନିଷିଦ୍ଧାଞ୍ଚଳରେ ବୋଟ ଓ ଟ୍ରଲର ନେବାକୁ



ନିଷିଦ୍ଧାଞ୍ଚଳରେ ଚଳାଚଳ କରୁଥିବା ଟ୍ରଲର।

ବାରଣ ହୋଇଛି। ତେବେ ଏହି ନିୟମକୁ ନ ମାନି ମାଛ ବେପାରୀମାନେ ପ୍ରବେଶ କରୁଥିବା ବେଳେ ବନ ବିଭାଗ କର୍ତ୍ତୃପକ୍ଷ ହାତଗଣତି କେତେ ଜଣଙ୍କୁ ଗିରଫ କରି ନିଜ ମୁଣ୍ଡରୁ ଦୋଷ ଖସାଇ ଦେଉଛନ୍ତି।

ଗିରଫ ହେବାର କିଛି ଦିନ ପରେ ମତ୍ସ୍ୟଜୀବୀମାନେ ଜାମିନରେ ଆସି ପୁଣି ସେହି ବେଆଇନ କାର୍ଯ୍ୟରେ ଲିପ୍ତ ରହୁଥିବା ଦେଖାଯାଉଛି ବୋଲି ପରିବେଶବିତ୍ ହେମନ୍ତ ରାଉତ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସମୁଦ୍ରକୁ ଅବାଧ ପ୍ରବେଶ ଓ ମାଛଧରା ଜାଲ ବ୍ୟବହାର ଯୋଗୁ କଇଁଛ ସମେତ ବହୁ ସାମୁଦ୍ରିକ ଜୀବ ନଷ୍ଟ ହେଉଥିବା ସେ କହିଛନ୍ତି। ପରିବେଶବିତ ସେକ୍ ଚାନ୍ଦ କୁହନ୍ତି ଯେ, ନିଷିଦ୍ଧାଞ୍ଚଳ ପରିସୀମା ମଧ୍ୟରେ ମତ୍ସ୍ୟଜୀବୀଙ୍କୁ ମନା ହୋଇଛି। ଏହି ସମୟରେ ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ରୋଜଗାର ବାଧାପ୍ରାପ୍ତ ହେଉଥିବାରୁ ସମନ୍ୱିତ ଉପକୂଳ ପରିଚାଳନା ପ୍ରକଳ୍ପ ମାଧ୍ୟମରେ ସହାୟତା ରାଶି ୫ ହଜାର ଟଙ୍କାରୁ ୭,୫୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହି ସାମୁଦ୍ରିକ ଜୀବ ପାଇଁ ଜାତୀୟ ସୁରକ୍ଷା ଲାଗି ନିର୍ମାଣ ହେଉଥିବା ଆଗ୍ନେୟାସ୍ତ୍ର ପରୀକ୍ଷଣକୁ ବନ୍ଦ କରାଯାଉଛି। ଏହାସତ୍ତ୍ୱେ ବହୁ ଦେଶୀ ବିଦେଶୀ ଡ଼ଙ୍ଗା ଓ ଟ୍ରଲର ନିଷିଦ୍ଧାଞ୍ଚଳରେ ମାଛ ମାରୁଛନ୍ତି। ଏ ନେଇ ରାଜନଗରର ଦୋଳଗୋବିନ୍ଦ ଜେନା କହିଛନ୍ତି ଯେ, ମାଛଧରା ବ୍ୟବସାୟ ସଂପ୍ରତି ଅନୁପ୍ରବେଶକାରୀଙ୍କ ଅକ୍ତିଆରକୁ ଚାଲିଯାଇଛି। ରାଜନଗର, ମହାକାଳପଡ଼ା, ଆଳି, ପଟ୍ଟାମୁଣ୍ଡାଇ, ରାଜକନିକା ଅଞ୍ଚଳରେ ଏମାନଙ୍କର କାୟା ବିସ୍ତାର ହେବାରେ ଲାଗିଛି। ମାଛ ମାରିବା ଏମାନଙ୍କ ମୁଖ୍ୟ ବ୍ୟବସାୟ ହୋଇଛି। ବର୍ଷସାରା ମାଛମାରି ପଡ଼ୋଶୀ ରାଜ୍ୟ ସହିତ ବାଂଲାଦେଶକୁ ଚାଲାଣ କରି ଟଙ୍କା ରୋଜଗାର କରୁଛନ୍ତି। ଏଥିସହିତ ଏଠାରେ ଥିବା ବନ୍ୟପ୍ରାଣୀ ଯଥା, ବାରହା, ହରିଣ, କୁମ୍ଭୀର ସହ ତଟବର୍ତ୍ତୀ ଅଞ୍ଚଳର ହେନ୍ତାଳ ବନରେ ଥିବା ଜୀବଜନ୍ତୁ ଶିକାର କରୁଛନ୍ତି। ସେହିପରି ତଟବର୍ତ୍ତୀ ଅଞ୍ଚଳରୁ ହେନ୍ତାଳ ବଣ କାଟି ଟ୍ରଲର ମାଧ୍ୟମରେ କାଠ ଚାଲାଣ କରୁଛନ୍ତି। ବେଆଇନ ଟ୍ରଲର ଚଳାଚଳ ଫଳରେ ବିଦେଶୀ ଅନୁପ୍ରବେଶ କରିବା ପାଇଁ ସୁବିଧା ସୁଯୋଗ ପାଉଛନ୍ତି। ଫଳରେ ଜିଲା ତଥା ଦେଶର ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇର ସାମାଜିକ କର୍ମୀ ପ୍ରତାପ କୁମାର ପାଢ଼ୀ କୁହନ୍ତି ଯେ, ୨୦୦୨ ମସିହାରେ ରାଜନଗର ବନବିଭାଗ ଜବତ କରିଥିବା ଟ୍ରଲରର ମତ୍ସ୍ୟଜୀବୀ ଓ କର୍ମଚାରୀମାନେ ବନରକ୍ଷୀ ଶ୍ୟାମ ସିଂହଙ୍କୁ ହତ୍ୟା କରିଥିଲେ। ଏହି ଘଟଣା ଏବେ ବି ଦେଖିବାକୁ ମିଳୁଛି। ବନ ବିଭାଗ ଅଧିକାରୀଙ୍କ ସହିତ କୌଣସି ପ୍ରକାର ସଲାସୁତୁରା କରି ମାଛ ମାରୁଛନ୍ତି। ସାମୁଦ୍ରିକ ଥାନା ଏନେଇ କୌଣସି ତତ୍ପରତା ଦେଖାଉ ନ ଥିବା ସେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ରାଜନଗର ଡିଏଫଓ ବିକାଶ ରଞ୍ଜନ ଦାଶ ଏ ସମ୍ପର୍କରେ କୁହନ୍ତି ଯେ, ବେଆଇନ ଟ୍ରଲର ପ୍ରବେଶକୁ ରୋକାଯାଉଛି। ଇତିମଧ୍ୟରେ ବହୁ ସଂଖ୍ୟକ ବୋଟ, ଟ୍ରଲର ଧରା ପଡିଲାଣି।

## ବ୍ୟାଡମିଣ୍ଟନ ପ୍ରତିଯୋଗିତା ଉଦ୍‌ଘାଟିତ





ଖେଳାଳିଙ୍କ ସହ ମୁଖ୍ୟଅତିଥି ଅନାମ ବନ୍ଧୁ ଧଳ।

**କେନ୍ଦ୍ରାପଡା ଅଫିସ, ୨୨।୨**

କେନ୍ଦ୍ରାପଡା ବ୍ଲକ କପାଳେଶ୍ୱର ଠାରେ ଦୁଇଦିନିଆ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଶନିବାର ଉଦ୍‌ଘାଟିତ ହୋଇଛି। ଓଡିଶା ହାର୍ଟବିଟ ସଂଗଠନ ପକ୍ଷରୁ ଅୟୋଜିତ ଏହି ପ୍ରତିଯୋଗିତାକୁ ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ୧୬ଟି ଜିଲାସ୍ତରୀୟ ଟିମ୍ ପ୍ରଥମ ପର୍ଯ୍ୟାୟରେ ଭାଗ ନେଉଥିବା ବେଳେ ରବିବାର ରାଜ୍ୟସ୍ତରର ପ୍ରତିଯୋଗୀ ଭାଗ ନେବେ। ସଂଗଠନ ସଭାପତି ରୋହିତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ସରପଞ୍ଚ ଗାୟତ୍ରୀ ମହାନ୍ତି, ପୂର୍ବତନ ସରପଞ୍ଚ ଅଭିମନ୍ୟୁ ଗୋଚ୍ଛାୟତ, ଭରତପୁର ସମିତି ସଭ୍ୟ ହେମନ୍ତ ବିଶ୍ୱାଳ, ସାମାଜିକ କର୍ମୀ ପ୍ରମୋଦ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଗ୍ରାମାଞ୍ଚଳର ଏହି ପ୍ରତିଯୋଗିତା କ୍ରୀଡା ପ୍ରତିଭାଙ୍କୁ ଚିହ୍ନଟ କରିବ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଧଳ ଏହି ସ୍ଥାନରେ ଏକ ଇନଡୋର ଷ୍ଟାଡିୟମ ପାଇଁ ରାଜ୍ୟ ସରକାରଙ୍କ ନିକଟରେ ପ୍ରସ୍ତାବ ରଖିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିଯୋଗିତାକୁ ପ୍ରମୋଦ ବେହେରା, ଭବାନୀ ଓଝା, ଗୋକୁଳ ଚନ୍ଦ୍ର ଦାସ, କୃଷ୍ଣଚନ୍ଦ୍ର ନାୟକ, ଭରତ ସାହୁ ପ୍ରମୁଖ ପରିଚାଳନା କରୁଛନ୍ତି।

## ମାର୍ଶାଘାଇ ବ୍ଲକ ବିଜେଡି ସଭାପତି ହେଲେ ସଞ୍ଜୟ

**ମାର୍ଶାଘାଇ,୨୨।୨(ଡି.ଏନ.ଏ.)**

ବିଜେଡି ପକ୍ଷରୁ ଶୁକ୍ରବାର ୩୩ ସାଙ୍ଗଠନିକ ଜିଲା ପାଇଁ ସଭାପତି ଘୋଷଣା କରାଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଏହା ଘୋଷଣା ହୋଇଛି। ଏହାଛଡା ବିଭିନ୍ନ ବ୍ଲକର ବିଜେଡି ସଭାପତି ନିର୍ବାଚନ ସରିଛି। ମାର୍ଶାଘାଇ ବ୍ଲକର ବିଜୁ ଜନତା ଦଳ ସଭାପତି ଭାବରେ ପୁର୍ନବାର ସଞ୍ଜୟ କୁମାର ଲେଙ୍କା ନିର୍ବାଚିତ ହୋଇଛନ୍ତି। ମାର୍ଶାଘାଇ ବ୍ଲକରେ ସଞ୍ଜୟ ପୂର୍ବରୁ ତିନି ଥର ବିଜେଡି ସଭାପତି ଭାବେ ନିର୍ବାଚିତ ହୋଇ ଦାୟିତ୍ୱ ତୁଲାଇଥିବା ବେଳେ ପୁର୍ନବାର ତାଙ୍କ ଉପରେ ଆସ୍ଥା ପ୍ରକଟ କରିଛି ଦଳ। ମାର୍ଶାଘାଇ ବ୍ଲକର ଅଧ୍ୟକ୍ଷ ଭାବେ ସେ ଦାୟିତ୍ୱ ନିର୍ବାହ କରିଥିବା ବେଳେ ଦୁଇ ଥର ଜିଲା ପରିଷଦ ସଦସ୍ୟ ହୋଇଥିଲେ। ସଞ୍ଜୟଙ୍କ ଉପରେ ପୁର୍ନବାର ଦଳ ଭରସା କରିଥିବା ବେଳେ ମାର୍ଶାଘାଇ ବ୍ଲକର ବିଜେଡି କର୍ମୀମାନେ ତାଙ୍କୁ ସ୍ୱାଗତ କରିଛନ୍ତି। ଦଳ ତାଙ୍କ ନେତୃତ୍ୱରେ ସୁଦୃଢ ହେବ ବୋଲି କର୍ମୀ ମହଲରେ ଆଶା କରାଯାଉଛି।

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୨୩।୨।୨୦୨୦ (ରବିବାର)**

- ଇଂଲିଶ ବିଭାଗର ଆଲୋଚନାଚକ୍ର। **ସ୍ଥାନ**–କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡା, **ସମୟ**–ପୂର୍ବାହ୍ନ ୯ଟା।
- ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ। **ସ୍ଥାନ**–ପଟ୍ଟାମୁଣ୍ଡାଇ କଲେଜ, ପଟ୍ଟାମୁଣ୍ଡାଇ **ସମୟ**–ପୂର୍ବାହ୍ନ ୧୦ଟା।

**୨୪।୨।୨୦୨୦ (ସୋମବାର)**

- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର। **ସ୍ଥାନ**–ବ୍ଲକ କାର୍ଯ୍ୟାଳୟ, ମହାକାଳପଡା, **ସମୟ**– ପୂର୍ବାହ୍ନ ୧୦ଟା।

**୨୫।୨।୨୦୨୦ (ମଙ୍ଗଳବାର)**

- ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ। **ସ୍ଥାନ**–ବ୍ଲକ କାର୍ଯ୍ୟାଳୟ, ପଟ୍ଟାମୁଣ୍ଡାଇ ଓ ରାଜନଗର, **ସମୟ**– ପୂର୍ବାହ୍ନ ୧୦ଟା

**୨୬।୨।୨୦୧୮ (ବୁଧବାର)**

- କେନ୍ଦ୍ରାପଡା ଓ ଡେରାବିଶ ବ୍ଲକ ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ। **ସ୍ଥାନ**–ଡିଆରଡିଏ ହଲ, କେନ୍ଦ୍ରାପଡା, **ସମୟ**–ପୂର୍ବାହ୍ନ ୧୦ଟା।

**୨୮।୨।୨୦୨୦ (ଶୁକ୍ରବାର)**

- ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ। **ସ୍ଥାନ**–ବ୍ଲକ କାର୍ଯ୍ୟାଳୟ, ରାଜକନିକା **ସମୟ**–ପୂର୍ବାହ୍ନ ୧୦ଟା।

## ଖୋଲା ଆକାଶତଳେ ଅଗ୍ନିବିପନ୍ନ ପରିବାର

**ମହାକାଳପଡା, ୨୨।୨ (ଡି.ଏନ.ଏ.)**

ମହାକାଳପଡା ବ୍ଲକ ଅଧୀନ ବଡିହି ପଞ୍ଚାୟତର ରାମଚନ୍ଦ୍ରପୁର ଗ୍ରାମରେ ଗୁରୁବାର ଆକସ୍ମିକ ଅଗ୍ନିକାଣ୍ଡ ଘଟି ଗୋବିନ୍ଦ ସେଠୀଙ୍କ ୩ ବଖରା ଘର ଜଳିଯାଇଛି। ଅଗ୍ନିବିପନ୍ନ ଏହି ପରିବାରଙ୍କୁ ଅଦ୍ୟାବଧି ସରକାରୀ ସହାୟତା ମିଳିନାହିଁ। ପରିବାର ଲୋକେ ଖୋଲା ଆକାଶ ତଳେ ପଡିରହିଛନ୍ତି।

## ପ୍ରଜାପିତା ବ୍ରହ୍ମାକୁମାରୀ ବିଶ୍ୱ ବିଦ୍ୟାଳୟରେ ଶିବରାତ୍ରି ପାଳନ



ସଭାରେ ଯୋଗ ଦେଇଥିବା ଅତିଥିମାନେ।

**ପଟ୍ଟାମୁଣ୍ଡାଇ,୨୨।୨(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପରିସରରେ ଶୁକ୍ରବାର ମହାଶିବରାତ୍ରି ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ଧ୍ୱଜା ଉତ୍ତୋଳନ କରିଥିଲେ। ବିଧାୟକ ସାହୁ ଶିବଙ୍କ ମହିମା ଉପରେ ବକ୍ତବ୍ୟ ରଖି ମଣିଷ ନିଜ ମନରୁ ଅଂହକାର ଦୂର କଲେ ଈଶ୍ୱରୀୟ ସତ୍ତା ଲାଭ ହୋଇଥାଏ ବୋଲି କହିଥିଲେ। ପୂର୍ବତନ କାଉନସିଲର ମିଟୁ ମନୋଜ ନାୟକ ଓ ଖଗେଶ୍ୱର ଲେଙ୍କା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବିଶ୍ୱ ବିଦ୍ୟାଳୟର ମୁଖ୍ୟ ସଞ୍ଚାଳିକା ରାଜଯୋଗନୀ ବ୍ରହ୍ମକୁମାରୀ ଶଶିରେଖା ଭଉଣୀ ଶିବରାତ୍ରିର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହିତ ବ୍ରହ୍ମାକୁମାର ସର୍ବେଶ୍ୱର ଭାଇ ଉପବାସର ବାସ୍ତବ ଅର୍ଥ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ପ୍ରାରମ୍ଭରେ ଶାନ୍ତି ରଥ ସହର ପରିକ୍ରମା କରିଥିଲା। ବ୍ରହ୍ମାକୁମାରୀ ଭଉଣୀଭାଇମାନେ ଶୋଭାଯାତ୍ରାରେ ସାମିଲ ହୋଇ ଶିବ ମାହାତ୍ମ୍ୟ ସମ୍ପର୍କରେ ପ୍ରଚାର କରିଥିଲେ।

# କେନ୍ଦ୍ରାପଡ଼ା ସାହିତ୍ୟ ଉତ୍ସବ ଉଦ୍‌ଘାଟିତ

**କେନ୍ଦ୍ରାପଡା ଅଫିସ,୨୨।୨**

ସହରର ଗରାପୁରସ୍ଥ ଏକ କଲ୍ୟାଣ ମଣ୍ଡପରେ ଶନିବାର ଦୁଇଦିନିଆ କେନ୍ଦ୍ରାପଡା ସାହିତ୍ୟ ଉତ୍ସବ ଉଦ୍‌ଘାଟିତ ହୋଇଛି। ଏହି ଉତ୍ସବକୁ ମୁଖ୍ୟ ଅତିଥି ସ୍ତମ୍ଭକାର ହରପ୍ରସାଦ ଦାସ ଉଦ୍‌ଘାଟନ କରିଛନ୍ତି। କେନ୍ଦ୍ରାପଡା ଡେଭଲପ୍‌ମେଣ୍ଟ ଫାଉଣ୍ଡେଶନ ମ୍ୟାନେଜିଂ ଟ୍ରଷ୍ଟି ଚୌଧୁରୀ ଅମିତାଭ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ସ୍ତମ୍ଭକାର ଦାସ, ମୁଖ୍ୟବକ୍ତା ଭାବେ ଦାଶ ବେନହୁର ଓ ସମ୍ମାନିତ ଅତିଥି ଭାବେ କଥାକାର ରାମଚନ୍ଦ୍ର ବେହେରା ଯୋଗ ଦେଇଥିଲେ। ଅତିଥିମାନେ ସମାଜର ଗତିପଥରେ ସାହିତ୍ୟର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସେମାନେ ଦର୍ଶାଇଥିଲେ ଯେ, ସୁସ୍ଥ ସମାଜ ପାଇଁ ସାହିତ୍ୟର ଅବଦାନ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ସାହିତ୍ୟକମାନେ ଯତ୍ନଶୀଳ ହେବା ଆବଶ୍ୟକ। ଏହି ଉଦ୍‌ଘାଟନୀ ଉତ୍ସବରେ ଡ. ମୃତ୍ୟୁଞ୍ଜୟ ଶତପଥୀ ସଂଯୋଜକ ଥିଲେ। ମଧ୍ୟାହ୍ନ ଅଧିବେଶନରେ ସାଧାରଣ ପାଠକ ବନାମ ଆଧୁନିକ





ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

କବିତା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କବି ନବଜ୍ୟୋତି ରାୟଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ସେନାପତି ପ୍ରଦ୍ୟୁମ୍ନ କେଶରୀ, ରକ୍ଷକ ନାୟକ, ସୁରେଶ ନାୟକ ଓ ଅମିୟ ମହାପାତ୍ର ଆଲୋଚକ ଭାବେ ଯୋଗ ଦେଇଥିଲେ। ଆଲୋଚକମାନେ ଆଧୁନିକ କବିତାର ମୂଲ୍ୟାୟନରେ ସାଧାରଣ ପାଠକଙ୍କ ପାଇଁ ବହୁ ଉପାଦାନ ଭରି ରହୁଥିବା ପ୍ରକାଶ କରିଥିଲେ। ସେହିପରି ତୃତୀୟ ଅଧିବେଶନରେ ଆଧୁନିକ କଥା ସାହିତ୍ୟର କଳା କାରିଗରୀ ଓ ସାଂପ୍ରତିକ ଜୀବନବୋଧ ଶୀର୍ଷକ ଆଲୋଚନାଚକ୍ର ହୋଇଥିଲା। ଏଥିରେ ସଦାନନ୍ଦ ତ୍ରିପାଠୀ, ଡ. ଅଜୟ ସ୍ୱାଇଁ, ଡ. ଅରବିନ୍ଦ ରାୟ, ପ୍ରଦୀପ ନାୟକ, ଚିତ୍ତରଞ୍ଜନ ଚିରଞ୍ଜିତ ଆଲୋଚକ ଭାବେ ଯୋଗ ଦେଇଥିଲେ। ଏହାକୁ କଥାକାର ମାତୃଦତ୍ତ ମହାନ୍ତି ସଂଯୋଜନା କରିଥିଲେ। ଚତୁର୍ଥ ଅଧିବେଶନରେ ସାମାଜିକ ଗଣମାଧ୍ୟମ ଓ ସାହିତ୍ୟ ଶୀର୍ଷକ ଆଲୋଚନାଚକ୍ରରେ ଅଧ୍ୟାପକ ଜ୍ୟୋତି ନନ୍ଦ ଓ କେଦାର ମିଶ୍ର ଯୋଗ ଦେଇଥିବା ବେଳେ ଅମୀୟ ପାଣ୍ଡବ ସଂଯୋଜକ ଥିଲେ। ସନ୍ଧ୍ୟାରେ କବି ହେମନ୍ତ ଜେନା ଓ ପ୍ରିୟରଞ୍ଜନ ମହାନ୍ତିଙ୍କ ସଂଯୋଜନାରେ କବିତା ଆସର ହୋଇଥିଲା। ଏଥିରେ ୪୦ରୁ ଉର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ। କେନ୍ଦ୍ରାପଡା ଡେଭଲପମେଣ୍ଟ ଫାଉଣ୍ଡେଶନ ଓ କେନ୍ଦ୍ରାପଡା ଇଭେଣ୍ଟ ମାନେଜର୍ସ (କେମ) ପକ୍ଷରୁ ଆୟୋଜିତ ଏହି ଉତ୍ସବକୁ କେମ୍‌ର ଉପଦେଷ୍ଟା ଡ. ବିରଜା କୁମାର ରାଉତରାୟ, ସଭାପତି ଅକ୍ଷୟ କୁମାର ପାଣି, ସମ୍ପାଦକ ମହମ୍ମଦ ଜାହିଦ୍ ଖାନଙ୍କ ସମେତ ଅନୁଷ୍ଠାନର ସଦସ୍ୟମାନେ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଜଳିଗଲା ୩ ବଖରା



ଜଗତ୍‌ସିଂହପୁର ଅଫିସ,୨୨।୨: ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ଦାଦପୁର ଗ୍ରାମର ସ୍ୱର୍ଗତ ବଟକୃଷ୍ଣ ବାରିକଙ୍କ ସ୍ତ୍ରୀ ବଚନି ବାରିକଙ୍କ ଘରେ ଶନିବାର ସକାଳେ ଅଗ୍ନିକାଣ୍ଡ ଘଟି ୩ ବଖରା ଚାଳ ଘର ଜଳିଯାଇଛି। ସୌଭାଗ୍ୟ କେହି ଆହତ ହୋଇନାହାନ୍ତି। ଅଗ୍ନିକାଣ୍ଡ ଯୋଗୁ ଘରେ ଥିବା ଧାନ, ଲୁଗା, ଆସବାବପତ୍ର ଆଦି ସବୁକିଛି ନଷ୍ଟ ହୋଇଯାଇଛି। ଖବର ପାଇ ଘଟଣାସ୍ଥଳରେ ଆର୍‌ଆଇ ପହଞ୍ଚି ଅନୁଧାନ କରିବା ସହ ତୁରନ୍ତ ପାଲ ଓ ସହାୟତା ରାଶି ଦେବା ପାଇଁ ବ୍ୟବସ୍ଥା କରିବେ ବୋଲି ଘୋଷଣା କରିଥିବା ଜଣାଯାଇଛି।

### ବିଶ୍ୱ ଚିନ୍ତନ ଦିବସ ପାଳିତ

ପାରାଦୀପ,୨୨।୨(ସ୍ୱ.ପ୍ର.): ସ୍ଥାନୀୟ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ଶନିବାର ଅପରାହ୍ନରେ ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ ଛାତ୍ରୀଛାତ୍ରଙ୍କୁ ନେଇ ବିଶ୍ୱ ଚିନ୍ତନ ଦିବସ ପାଳିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କୁ ନେଇ ୨ ଘଣ୍ଟା ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା। ଭାରତର ଉତ୍ତର, ଦକ୍ଷିଣ, ପୂର୍ବ, ପଶ୍ଚିମରେ କିପରି ଲୋକମାନେ ଅହିଂସାକୁ ଦୂରୀକରଣ କରିବେ ସେ ସମ୍ପର୍କରେ କ୍ଷୁଦ୍ର ନାଟକ, ସଂଳାପ, ଗୀତ ଦ୍ୱାରା ଦର୍ଶାଯାଇଥିଲା। ଏଥିସହ ହିଂସାକୁ ଲୋପ ପାଇଁ ପ୍ରତୀକାତ୍ମକ ଅଗ୍ନିରେ ଝାସ ଦିଆଯାଇଥିଲା। ଏଥିରେ ଅତିଥି ଭାବେ ଯୋଗ ଦେଇଥିଲେ ବମ୍ବେ ଆଇଆଇଟି ପ୍ରଫେସର ଡ. ଶୁଭେନ୍ଦୁ। ବିଦ୍ୟାଳୟ ଅଧ୍ୟକ୍ଷ ଅଜୟ ସାହୁ ଓ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

### ଅଦିନିଆ ଦୀପାବଳି ପାଳିଲେ ବିଜେଡି କର୍ମୀ

ବାଲିକୁଦା,୨୨।୨(ସ୍ୱପ୍ର): ବିଜେଡି ଜିଲା ସଭାପତି ଭାବେ ପ୍ରଶାନ୍ତ ମୁଦୁଲିଙ୍କ ନାମ ଘୋଷଣା ହେବା ପରେ ବାଲିକୁଦା ବିଜେଡି କର୍ମୀମାନେ ଉତ୍ସବ ମନେଇଛନ୍ତି। ବାଣ ଫୁଟେଇ ବାଜା ବଜାଇ ଅଦିନରେ ଦୀପାବଳି ପାଳିଛନ୍ତି। ଶୁକ୍ରବାର ସଂଧ୍ୟାରେ କାଳିଓ ପଞ୍ଚାୟତର ଭୋଦା ଛକରେ କର୍ମୀମାନେ ଏକତ୍ରିତ ହୋଇ ବାଣ ଫୁଟାଇ ଉତ୍ସବ ମନାଇଥିଲେ। ବାଜା ବାଣରେ ଅଞ୍ଚଳରେ ଆନନ୍ଦର ମାହୋଲ ସୃଷ୍ଟି ହୋଇଥିଲା। ଏଥିରେ ପୂର୍ବତନ ସରପଞ୍ଚ ରବୀନ୍ଦ୍ର ନାୟକ, ଜିଲା ଯୁବ ବିଜେଡି ସମ୍ପାଦକ ଶିବପ୍ରସାଦ ପାତ୍ର, ଯୁବ ନେତା କିଶୋର ସେନାପତି, ଯୁଧାଷ୍ଠିର ମହାନ୍ତି, ନିରନ ଭୋଳ, ପବିତ୍ର ମହାନ୍ତି, ଅକ୍ଷୟ ମହାନ୍ତି, ଜଗବନ୍ଧୁ ଭୋଳ ଓ ନିମାଇଁ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ। ପରେ କର୍ମୀମାନେ ମୁଦୁଲିଙ୍କ ତିତିରାସ୍ଥିତ ବାସ ଭବନକୁଯାଇ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦେଇଥିଲେ।

# ବଦଳିଲା ହସ୍ପିଟାଲ ନାମ

## ବିଜୁ ମେମୋରିଆଲ ହସ୍ପିଟାଲ ଏବେ ପାରାଦୀପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ପାରାଦୀପ,୨୨।୨(ସ୍ୱ.ପ୍ର.)




ବିଜୁ ମେମୋରିଆଲ ହସ୍ପିଟାଲରେ ଲାଗିଥିବା ନୂଆ ବୋର୍ଡ।

ପାରାଦୀପ ସହରର ଏକମାତ୍ର ସରକାରୀ ଚିକିତ୍ସା କେନ୍ଦ୍ର ଅଠରବାଙ୍କିରେ ରହିଛି। ୨୦୦୩ରୁ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ନାମ ଥିଲା ବିଜୁ ମେମୋରିଆଲ ହସ୍ପିଟାଲ। ଏବେ ଉକ୍ତ ନାମ ପରିବର୍ତ୍ତନ ହୋଇଯାଇଛି। ପରିବର୍ତ୍ତିତ ନାମ ପାରାଦୀପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କରାଯାଇଛି। ଏପରି କି ହସ୍ପିଟାଲ କାଗଜ ଓ ଫଳକରେ ମଧ୍ୟ ପରିବର୍ତ୍ତନ ନାମ ଲେଖାଯାଇଛି। କେବଳ ବିଜୁ ମେମୋରିଆଲ ଶବ୍ଦ ସବାତଳେ ଛୋଟ ଅକ୍ଷର ଏବଂ ବ୍ରାକେଟ ଭିତରେ ସୀମିତ ରହିଛି। ଅନେକ ଯୋଜନା, ରାସ୍ତା, ବିମାନବନ୍ଦର, ଅନୁଷ୍ଠାନ, ପାର୍କ ଆଦି ବିଜୁଙ୍କ ନାମରେ କରାଯାଉଛି। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଉଦ୍ୟମ ଯୋଗୁ ପାରାଦୀପ ବନ୍ଦର ସୃଷ୍ଟି ହୋଇଥିଲା। ସେଥିପାଇଁ ପାରାଦୀପରେ ବିଜୁ ବାବୁଙ୍କ ପ୍ରତି ସ୍ୱତଃ ସମ୍ମାନ ରହିଛି। ଅଠରବାଙ୍କି ମୁଖ୍ୟ ଛକରେ ବିଜୁ ବାବୁଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ରହିଛି। ପାରାଦୀପ ବନ୍ଦର ଓ ଅନ୍ୟ ସରକାରୀ ସଂସ୍ଥାର ପ୍ରତ୍ୟେକ କାର୍ଯ୍ୟକ୍ରମରେ ବିଜୁ ବାବୁଙ୍କ ଫଟୋ ରହିଥାଏ ଏବଂ ଆଲୋଚନା ହୁଏ। ଉକ୍ତ ସରକାରୀ ଚିକିତ୍ସାକେନ୍ଦ୍ର ୧୯୮୦ ଦଶକରେ ନୂଆବଜାରଠାରେ ଆରମ୍ଭ ହୋଇ ୨୦୦୩ ପର୍ଯ୍ୟନ୍ତ ଚାଲିଥିଲା। ସେତେବେଳେ ଷ୍ଟେଟ୍ ମେଡିକାଲ କୁହାଯାଉଥିଲା। ୨୦୦୩ ନଭେମ୍ବରରେ ଅଠରବାଙ୍କିରେ ୩୪ ଶଯ୍ୟା ବିଶିଷ୍ଟ ଚିକିତ୍ସା କେନ୍ଦ୍ରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିବା ସହ ବିଜୁ ମେମୋରିଆଲ ହସ୍ପିଟାଲ ନାଁରେ ନାମିତ କରିଥିଲେ। ସେବେଠାରୁ ଉକ୍ତ ନାଁରେ ଫଳକ ଓ ରୋଗୀ କଲ୍ୟାଣ ସମିତି ଦ୍ୱାରା ରୋଗୀଙ୍କ ନିକଟରେ ସେହି ନାମ ଦର୍ଶାଯାଉଥିଲା। ଏବେ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଅନେକ ଚିକିତ୍ସା କେନ୍ଦ୍ରକୁ ସମୂହ ଭାବେ ସିଏଚ୍‌ସି (କମ୍ୟୁନିଟି ହେଲ୍‌ଥ ସେଣ୍ଟର) କରାଯାଇଛି। ଏହିକ୍ରମରେ ବିଜୁ ମେମୋରିଆଲରୁ ପରିବର୍ତ୍ତିତ ନାମ ପାରାଦୀପ ସିଏଚ୍‌ସି ହୋଇଛି ବୋଲି ମେଡିକାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଏ ପ୍ରସଙ୍ଗରେ ସ୍ଥାନୀୟ ବିଧାୟକ ତଥା ରୋଗୀକଲ୍ୟାଣ ସମିତି ସଭାପତି ସମ୍ବିତ ରାଉତରାୟଙ୍କୁ ପଚାରିବାରେ ସେ କହିଥିଲେ, ସେପରି ହେବାକଥା ନୁହେଁ। ଏହା ମୋ ନଜରକୁ ଆସି ନ ଥିଲା। ଏବେ ଜାଣୁଛି। ଯଦି ସେପରି ହୋଇଥାଏ ମୁଁ ନିଶ୍ଚୟ ପ୍ରତିବାଦ କରିବି। ଏପରିକି ଚଳିତ ବିଧାନସଭାରେ ଏକଥା ଉଠାଇବେ ବୋଲି ସେ କହିଥିଲେ। ଏହିଭଳି ଓଡ଼ିଶାର ପ୍ରାୟ ସବୁ ଚିକିତ୍ସା କେନ୍ଦ୍ରର ନାମ ପରିବର୍ତ୍ତନ ହୋଇଥିବା ଜଣାଯାଇଛି। କାରଣ କେନ୍ଦ୍ରୀୟ ଅନୁଦାନ ଅର୍ଥ ସିଏଚ୍‌ସି ନାଁରେ ଆସୁଛି। ନାମ ପରିବର୍ତ୍ତନ ନ କଲେ ଅର୍ଥ ଆସିବାରେ ବାଧକ ହେବାର ସମ୍ଭାବନା ଅଛି। ସେଥିପାଇଁ ସରକାରୀ ଭାବେ ସିଏଚ୍‌ସି ହୋଇଯାଇଛି। କେବଳ ପୁରୁଣା ନାମଗୁଡ଼ିକୁ କେତେକ ସ୍ଥାନରେ ଫଳକର ତଳଧାଡ଼ିରେ ସୂଚିତ କଲାଭଳି ଲେଖାହେଉଛି ବୋଲି ଜଣେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କଠାରୁ ସୂଚନା ମିଳିଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନ ଦେଲା ଋଣ**
**ପିତା ତୁଉଣ, ଝିଅ ମରଣ**
**ଆଗେ ଅବିଗୁଣ, ପଛକୁ ଗୁଣ।**

ଉପରୋକ୍ତ ବର୍ଣ୍ଣିତ ଅବସ୍ଥା ଭୁକ୍ତଭୋଗୀ ବ୍ୟକ୍ତି ପକ୍ଷେ ସହ୍ୟ କରିବା ଅତୀବ କଷ୍ଟକର ବା ଦୁଃଖଦାୟୀ ହୋଇଥାଏ। ପରନ୍ତୁ ଏହା ପଛରେ ଲୁଚି ରହିଥିବା ପ୍ରକୃତ ବାସ୍ତବତା ପରିଶେଷରେ ଉକ୍ତ ବ୍ୟକ୍ତି ଲାଗି ହିତକର ସାବ୍ୟସ୍ତ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନିଜେ ରାନ୍ଧି ନିଜେ ଖାଏ**
**ପରଶଂସା କରୁଥାଏ।**

ନିଜେ ରାନ୍ଧି ନିଜେ ଖାଇ ସୁଆଦିଆ ଲାଗୁଥିବା କହିବାରେ କୌଣସି ଯଥାର୍ଥତା ରହେ ନ ଥାଏ। ସାଧାରଣତଃ ସଭିଏଁ ନିଜକୁ ଭଲ ବୋଲି ଦେଖେଇ ହୁଅନ୍ତି ବା କହି ହୁଅନ୍ତି। କିନ୍ତୁ ପ୍ରକୃତରେ ସିଏ ହିଁ ଭଲ ଯାହାକୁ ସମସ୍ତେ କହିଥାନ୍ତି। ନିଜ ମୁହଁରେ ନିଜର ପ୍ରଶଂସା କରିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ରତ୍ନାକର ପୁଣି ବ୍ଲକ ସଭାପତି ମନୋନୀତ



ମନ୍ତ୍ରୀ ନିର୍ବାଚିତ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।

ବାଲିକୁଦା, ୨୨।୨(ସ୍ୱ.ପ୍ର)

ବାଲିକୁଦା ବ୍ଲକ ବଡଗାଁ ପଞ୍ଚାୟତ ଅଧୀନ ନୂଆଗାଁସ୍ଥିତ ମା' କରକେଇ ଠାକୁରାଣୀଙ୍କ ପୀଠରେ ଶନିବାର ବିଜେଡିର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲିକୁଦା-ଏରସମା ବିଧାୟକ ତଥା ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗଦେଇ ବ୍ଲକ ଓ ବଡଗାଁର ପଞ୍ଚାୟତ ସଭାପତିଙ୍କ ନାମ ଘୋଷଣା କରିଛନ୍ତି। ଦଳ ପକ୍ଷରୁ ବାଲିକୁଦା ବ୍ଲକ ସଭାପତି ଭାବେ ରତ୍ନାକର ନାୟକ ଓ ବଡଗାଁ ପଞ୍ଚାୟତ ସଭାପତି ଭାବେ ପୂର୍ବତନ ସରପଞ୍ଚ ଉପେନ୍ଦ୍ର ବିଶ୍ୱାଳଙ୍କୁ ପୁନର୍ବାର ନିର୍ବାଚିତ କରାଯାଇଛି। ଜିଲା ବିଜେଡି ସଭାପତି ଭାବେ ଜଗତସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କ ନାମ ଦଳ ଘୋଷଣା କରିଥିବାରୁ ବୈଠକରେ ଆନନ୍ଦ ପ୍ରକାଶ ପାଇଥିଲା। ବୈଠକରେ ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାହୁ, ଜିଲା ପରିଷଦ ସଭ୍ୟ ରାମଚନ୍ଦ୍ର ମହାନ୍ତି, ବ୍ଲକ କୃଷକ ମୋର୍ଚ୍ଚା ସଭାପତି ସନ୍ତୋଷ ରାୟ, ସମିତି ସଭ୍ୟା ଇତିସ୍ମିତା ପଟ୍ଟନାୟକ, ହେମନ୍ତ ସେଠୀ, ଆମ୍ବଶାଳ ପୂର୍ବତନ ସରପଞ୍ଚ ସରୋଜ ମହାପାତ୍ର, ନବକିଶୋର ଜେନା ଓ ମାନସ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ ନାଟକ ଉତ୍ସବ ଉଦ୍‌ଯାପିତ



ନାଟକ ଉତ୍ସବରେ ଉପସ୍ଥିତ କଳାକାର ଓ ଅନ୍ୟମାନେ।

ପାରାଦୀପ,୨୨।୨(ସ୍ୱ.ପ୍ର.)

ସ୍ଥାନୀୟ ଜୟଦେବ ସଦନଠାରେ ଗତ ୧୮ ତାରିଖଠାରୁ ଚାଲିଥିବା ରାଜ୍ୟସ୍ତରୀୟ ନାଟକ ଉତ୍ସବ ଶନିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥି ଭାବେ ବିଧାୟକ ସମ୍ବିତ ରାଉତରାୟ, ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀର, ଅରୂପ ଭଗବତୀ ପ୍ରମୁଖ ଯୋଗଦେଇ ନାଟକ ଓ କଳାକାରଙ୍କ ସମ୍ପର୍କରେ ସଂକ୍ଷିପ୍ତ ଭାଷଣ ଦେଇଥିଲେ। ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ, ଓଡ଼ିଶା ସଂଗୀତ ନାଟକ ଏକାଡେମୀ, ପାରାଦୀପ ବନ୍ଦର ଓ କାନମାସର ମିଳିତ ଆନୁକୂଲ୍ୟରେ ଏହି ନାଟକ ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ଓଡ଼ିଶାର ପ୍ରତିଷ୍ଠିତ ନାଟ୍ୟ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ସଚେତନଧର୍ମୀ ନାଟକ ମଞ୍ଚସ୍ଥ ହୋଇଥିଲା। ଶେଷ ସନ୍ଧ୍ୟାର ନାଟକ ଥିଲା 'ସେ ମରିଗଲେ'। କ୍ୟାନମାସ ଦ୍ୱାରା ପ୍ରସ୍ତୁତ, ରମେଶ ପ୍ରସାଦ ପାଣିଗ୍ରାହୀଙ୍କ ରଚିତ ଏବଂ ଶ୍ରୀମଦ୍ ନାରାୟଣ ମିଶ୍ରଙ୍କ ନିର୍ଦ୍ଦେଶିତ ନାଟକରେ ଭଗବାନଙ୍କ ଅସ୍ତିତ୍ୱ ସମ୍ପର୍କରେ ଦର୍ଶାଯାଇଥିଲା। ପ୍ରତ୍ୟେକ ଧର୍ମର ଯାଜକମାନେ ଦାବି କରୁଛନ୍ତି। କିନ୍ତୁ ଭଗବାନ ନାମକ ଅଦୃଶ୍ୟ ଶକ୍ତିର ଚେତନା ଭିତରେ ଜାଗ୍ରତ ରହିବାକୁ ନାଟକରେ ଆହ୍ୱାନ ଦିଆଯାଇଥିଲା। ଦ୍ୱନ୍ଦ ଓ ଆଶଙ୍କାକୁ ପାଥେୟ କରି ନାଟକର ମୁଖ୍ୟାଂଶ ଥିଲା ସେ ମରିଗଲେ। ଶେଷରେ ଏହି ନାଟକ ଉତ୍ସବର ନାଟ୍ୟ ଅନୁଷ୍ଠାନ ଓ କଳାକାରଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ।

## ବଟେଶ୍ୱର ଉନ୍ନୟନ ଟ୍ରଷ୍ଟ କର୍ମକର୍ତ୍ତାଙ୍କ ବୈଠକ



ବାଲିଆ,୨୨।୨

ବିରିଡି ବ୍ଲକ ଅଧୀନ ଚାଷୀଖଣ୍ଡସ୍ଥିତ ବଟେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଜାଗର ଉତ୍ସବ ପାଳନ କରାଯାଇଛି। ଏହି ପରିପେକ୍ଷୀରେ ବଟେଶ୍ୱର ଉନ୍ନୟନ ଟ୍ରଷ୍ଟ ତରଫରୁ ଏକ ବୈଠକ ପ୍ୟାରୀମୋହନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ପ୍ରଫେସର ନିକୁଞ୍ଜ କିଶୋର ଦାସ, ଅଜିତ ଦାସ, ରବୀନ୍ଦ୍ର ଦାସ, ନଳିନୀକାନ୍ତ ଦାସ, ଅଶୋକ ଦାସ, ଅଶ୍ୱିନୀ କୁମାର ଦାସ, ଅରୁଣ କୁମାର ଦାସ, ଅମରେଶ ଦାସ, କେଶରୀ ଦାସ, ଦିଲୀପ କୁମାର ଦାସ, ବିଷ୍ଣୁ ଦାସ ପ୍ରମୁଖ ସଭ୍ୟ ଉପସ୍ଥିତ ରହି ମନ୍ଦିରର ଉନ୍ନତୀମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟତଃ ମନ୍ଦିର ଚତୁପାର୍ଶ୍ୱରେ ମାଟିପକାଇ ସମତୁଲ କରିବା ସହ ସେଥିରେ ଚାରାରୋପଣ କରାଯିବାକୁ ସ୍ଥିର କରାଯାଇଥିଲା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ଆଗାମୀ ଓଡ଼ିଶା ପକ୍ଷରୁ ବିଶ୍ୱ ମାତୃଭାଷା ଦିବସ ପାଳିତ

ରଘୁନାଥପୁର,୨୨।୨(ଡି.ଏନ୍.ଏ.)

ମାତୃଭାଷାକୁ ନେଇ ସମଗ୍ର ଜତି ଗର୍ବ କରିବା ଉଚିତ। କାରଣ ମାତୃଭାଷା ହିଁ ବ୍ୟକ୍ତି ପରିଚୟର ସୂଚକ। ଜାତୀୟ ଭାଷା ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ଆଗାମୀ ଓଡ଼ିଶା ପକ୍ଷରୁ ରଘୁନାଥପୁରସ୍ଥିତ ମହାତ୍ମା ଗାନ୍ଧୀ ସଭାକକ୍ଷରେ ବିଶ୍ୱ ମାତୃଭାଷା ଦିବସ ପାଳନ ଅବସରରେ ଅନୁଷ୍ଠାନର ସଭାପତି ବିଜୟ କୁମାର ସ୍ୱାଇଁ ଉପରୋକ୍ତ ମନ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ ଭଗବାନ ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଶିକ୍ଷାବିତ୍ ପ୍ୟାରୀମୋହନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଭାଷା ଆଧାରରେ ଓଡ଼ିଶା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଏବଂ ସମଗ୍ର ଦେଶରେ ଷଷ୍ଠ ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇବା କମ୍ ଗୌରବର କଥା ନୁହେଁ ବୋଲି ମତବ୍ୟକ୍ତ କରିଥିଲେ। ସେହିପରି ଉଦ୍‌ଘାଟକ ଭାବେ ବିସି କଲେଜ ରେଡ୍ଡୁଆର ପ୍ରାକ୍ତନ ଅଧ୍ୟକ୍ଷ ରମାରଞ୍ଜନ ସ୍ୱାଇଁ ବିଶ୍ୱରେ ଓଡ଼ିଆ ଭାଷାର ପ୍ରସାର ସମ୍ପର୍କରେ ମତ ରଖିଥିଲେ। ସମ୍ମାନିତ ଅତିଥି ଭାବେ କୁର୍ତ୍ତାଙ୍ଗ ଏସଏଏନ୍ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଅଜୟ କୁମାର ଦାସ, ଅନୁଷ୍ଠାନ ସମ୍ପାଦକ ଅଧ୍ୟାପକ ଆଶିଷ ଚକ୍ରବର୍ତ୍ତୀ, ଶିକ୍ଷାବିତ୍ ସଦାଶିବ ବିଶ୍ୱାଳ, ପ୍ରଧାନ ଶିକ୍ଷକ ଅଭୟ କୁମାର ମୁଦୁଲି, ଶିକ୍ଷକ ନେତା ଜୟପ୍ରକାଶ ପଣ୍ଡା ଓ ବିମଳେନ୍ଦୁ ସୋମ୍, ସାମାଜିକ କର୍ମୀ ଗୋବିନ୍ଦ ଚନ୍ଦ୍ର ଓଝା ଓ ସୁବାସ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ମାନସ ଅଧ୍ୟାପକ ଶରତ କୁମାର ରାଉତରାୟ ବକ୍ତା ଭାବେ ଯୋଗଦେଇ ଓଡ଼ିଆ ଶିକ୍ଷକ ନିଯୁକ୍ତି, ଓଡ଼ିଆ ଭାଷାରେ କମ୍ପ୍ୟୁଟର ପ୍ରଚଳନ ଓ ପ୍ରଚାର ପ୍ରସାର ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଉତ୍ସବରେ ଏନ୍‌ସିସି ଶିକ୍ଷକ ରାଜକିଶୋର ସାହୁ ଅତିଥି ପରିଚୟ, ପଣ୍ଡିତ ପ୍ରଭାତ କିରଣ ମିଶ୍ର ସ୍ୱାଗତ ଭାଷଣ ଓ ବିଜନ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ମନ୍ଥନ ଉଦ୍ୟାନରେ ବନ୍ଧୁମିଳନ



ବନ୍ଧୁମିଳନରେ ଯୋଗଦେଇଥିବା ପୁରାତନ ଛାତ୍ରୀଛାତ୍ର ଓ ଶିକ୍ଷକ।

ପାରାଦୀପ,୨୨।୨(ସ୍ୱ.ପ୍ର.)

ପାରାଦୀପ ନେହେରୁ ବଙ୍ଗଳାର ମନ୍ଥନ ଉଦ୍ୟାନ ପରିସରରେ ଜଗତ୍‌ସିଂହପୁର ମହାମହିମା ଉଚ୍ଚ ବିଦ୍ୟାଳୟ ୧୯୯୭ ମାଟ୍ରିକ ବ୍ୟାଚର ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସେତେବେଳର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସାମିଲ କରାଯାଇ ସମ୍ମାନିତ କରାଯାଇଥିଲା। ଶିକ୍ଷକ ବଙ୍କେଶ୍ୱର ସ୍ୱାଇଁ ଓ ସୁରେନ୍ଦ୍ର ସ୍ୱାଇଁ ଯୋଗଦେଇ ଏହି ଛାତ୍ରୀଛାତ୍ରଙ୍କୁ ଧନ୍ୟବାଦ ଜଣାଇଥିଲେ। ପୁରାତନ ଛାତ୍ରୀଛାତ୍ର ନଳିନୀ ବେହେରା, ବାସନ୍ତୀ ଦାସ, ଜ୍ୟୋସ୍ନାରାଣୀ ଜେନା, ସଂଗ୍ରାମକଶେରୀ ଜେନା, ପ୍ରଶାନ୍ତ କୁମାର ପରିଡ଼ା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଦୀର୍ଘଦିନ ପରେ ଛାତ୍ରୀଛାତ୍ର ଏକାଠିତ ହୋଇଥିବାରୁ ପୁରୁଣା ସ୍ମୃତିକୁ ମନେପକାଇ ଭାବବିହ୍ୱଳ ହୋଇଥିଲେ।

## ଗ୍ରାମ୍ୟ ପୋଖରୀର ପୁନରୁଦ୍ଧାର ଦାବି



ନିମକଣା ଗ୍ରାମର ୯ନଂ ୱାର୍ଡରେ ଥିବା କଣ୍ଡରାପୋଖରୀ ଦଳରେ ଭର୍ତ୍ତି ହୋଇଛି।

ତିର୍ତ୍ତୋଲ,୨୨।୨(ଡି.ଏନ.ଏ.)

ତିର୍ତ୍ତୋଲ ବ୍ଲକ ଅଧୀନ ମଣିଜଙ୍ଗା ପଞ୍ଚାୟତ ନିମକଣା ଗ୍ରାମର ୯ନଂ ୱାର୍ଡରେ ଥିବା କଣ୍ଡରାପୋଖରୀ ଦଳପୂର୍ଣ୍ଣ ହୋଇ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିଛି। ଏହି ପୋଖରୀ ଉପରେ ଗ୍ରାମର ଶହେ ପରିବାରର ୧୫୦୦ରୁ ଊର୍ଦ୍ଧ୍ୱ ଲୋକ ନିର୍ଭର କରନ୍ତି। ଏଥିରେ ଗ୍ରାମବାସୀଙ୍କ ସହ ଅଞ୍ଚଳର ଲୋକମାନେ ଗାଧୋଇବା ସହ ଅନ୍ୟାନ୍ୟ ଦୈନନ୍ଦିନ କାର୍ଯ୍ୟ କରନ୍ତି। ଦୀର୍ଘଦିନ ହେବ ପୋଖରୀଟି ଦଳଭର୍ତ୍ତି ହୋଇ ରହିବା ଦ୍ୱାରା ପାଣି ଏବେ ପ୍ରଦୂଷିତ ହୋଇଯାଇଛି। ଏଠାରେ ଦିନକୁ ଦିନ ମଶାଙ୍କର ପ୍ରାଦୁର୍ଭାବ ବୃଦ୍ଧି ପାଉଛି। ତେଣୁ ଦୀର୍ଘ ଦନ ହେବ ଏହି ପୋଖରୀର ପୁନରୁଦ୍ଧାର ପାଇଁ ଗ୍ରାମବାସୀ ବ୍ଲକ ପ୍ରଶାସନ ସହ ବାରମ୍ବାର ସ୍ଥାନୀୟ ବିଧାୟକଙ୍କୁ ଅବଗତ କରାଇଛନ୍ତି। ସ୍ଥାନୀୟ ଲୋକପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀ ପୋଖରୀର ପୁନରୁଦ୍ଧାର ପାଇଁ କେବଳ ପ୍ରତିଶ୍ରୁତି ଦେଇ ଚାଲିଛନ୍ତି। ହେଲେ ବାସ୍ତବ କ୍ଷେତ୍ରରେ ଏହାର ନିରାକରଣ ପାଇଁ କୌଣସି ପଦକ୍ଷେପ ନେଉନାହାନ୍ତି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ଜିଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଏହାର ସମାଧାନ କରିବାକୁ ସାଧାରଣରେ ଦାବି ହୋଇଛି। ପ୍ରକାଶଯୋଗ୍ୟ, ୨୦୦୬-୦୭ ମସିହାରେ ଏହି ପୋଖରୀର ଦୂଷିତ ପାଣିକୁ ବ୍ୟବହାର କରି ଗ୍ରାମବାସୀ ଝାଡାବାନ୍ତି ରୋଗରେ ଆକ୍ରାନ୍ତ ହୋଇଥିଲେ। ସମ୍ପ୍ରତି ପୋଖରୀ ଦୂଷିତ ହୋଇ ସେହିଭଳି ଅବସ୍ଥା ଏବେ ଦେଖାଦେବାର ଆଶଙ୍କା ଗ୍ରାମବାସୀଙ୍କ ମଧ୍ୟରେ ଭୟ ସଞ୍ଚାର କରିଛି।

# ଜିଲା ମଙ୍ଗ ଧରିଲେ ବିଧାୟକ ପ୍ରଶାନ୍ତ

**ଜଗତ୍‌ସିଂହପୁର ବିଜେଡି ରାଜନୀତି**

- ଅପର ଗୋଷ୍ଠୀ ନିରାଶ
- ଆଗକୁ କିପରି କାର୍ଯ୍ୟ ହେଉଛି ତା' ଉପରେ ନଜର

ଜଗତ୍‌ସିଂହପୁର ଅଫିସ,୨୨।୨

ଗତ ସାଧାରଣ ନିର୍ବାଚନ ପୂର୍ବରୁ ବିଜେଡି ଜଗତ୍‌ସିଂହପୁର ଜିଲା ରାଜନୀତିରେ ବ୍ୟାପକ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଥିଲା। ସେତେବେଳେ ଦୀର୍ଘ ବର୍ଷ ଧରି ଦଳ ଜିଲା ସଭାପତି ଦାୟିତ୍ୱରେ ଥିବା ବରିଷ୍ଠ ନେତା ବିଷ୍ଣୁ ଦାସଙ୍କ ସ୍ଥାନରେ ଅମରେନ୍ଦ୍ର ଦାସଙ୍କୁ ଦାୟିତ୍ୱ ଦିଆଯିବା ନୂଆ ରାଜନୈତିକ ସମୀକରଣ ସୃଷ୍ଟି ହୋଇଥିଲା। ନିର୍ବାଚନ ସରିବା ୧ ବର୍ଷ ନ ପୁରୁଣୁ ଦଳର ଜିଲା ସଭାପତି ପୁଣି ବଦଳିଛନ୍ତି। ଶୁକ୍ରବାର ଏ ସମ୍ପର୍କରେ ବିଦ୍ଧିବଦ୍ଧ ଘୋଷଣା କରାଯାଇଛି। ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କୁ ଦଳ ପକ୍ଷରୁ ନୂଆ ଜିଲା ସଭାପତି ଦାୟିତ୍ୱ ଦିଆଯାଇଛି। ନିର୍ବାଚନ ପରବର୍ତ୍ତୀ ସମୟରେ ଜିଲା ବିଜେଡିରେ ଗୋଷ୍ଠୀ ବିବାଦ ଆରମ୍ଭ ହୋଇଥିବା ଆଲୋଚନା ହେଉଛି। ମନ୍ତ୍ରୀ ରଘୁନନ୍ଦନ ଦାସ, ଏମ୍‌ପି ରାଜଶ୍ରୀ ମଲ୍ଲିକ, ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ଓ କାଜୁ ନିଗମ ଅଧ୍ୟକ୍ଷ ତଥା ପୂର୍ବତନ ଦଳ ଜିଲା ସଭାପତି ଅମରେନ୍ଦ୍ର ଦାସ ଆପାତତଃ ନିକଟତର ହୋଇଥିବା ବିଭିନ୍ନ ସମୟରେ ଚର୍ଚ୍ଚା ହୋଇ ଆସୁଛି। ଜଗତ୍‌ସିଂହପୁର ବିଧାୟକ ମୁଦୁଲି ଓ ତିର୍ତ୍ତୋଲ ବିଧାୟକ ବିଷ୍ଣୁ ଦାସ କିନ୍ତୁ ଏହି ଗୋଷ୍ଠୀଠାରୁ ସମ ଦୂରତାରେ ଥିବା କୁହାଯାଉଛି। ଏପରିସ୍ଥିତିରେ ମୁଦୁଲିଙ୍କୁ ଜିଲା ସଭାପତି ଦାୟିତ୍ୱ ମିଳିବା ପରେ ଆଲୋଚନାକୁ ଖୋରାକ ଯୋଗାଇଛି। ଅନ୍ୟପଟେ ମନ୍ତ୍ରୀ ରଘୁନନ୍ଦନ, ଏମ୍‌ପି ରାଜଶ୍ରୀ, ବିଧାୟକ ସମ୍ବିତ ଓ କାଜୁ ନିଗମ ଅଧ୍ୟକ୍ଷ ଅମରେନ୍ଦ୍ରଙ୍କ ସମର୍ଥକଙ୍କ ମଧ୍ୟରେ ଏକପ୍ରକାର ନୈରାଶ୍ୟଭାବ ପରିଲକ୍ଷିତ ହୋଇଥିବା କୁହାଯାଉଛି।

୨୦୧୯ ସାଧାରଣ ନିର୍ବାଚନରେ ଜଗତ୍‌ସିଂହପୁର ବିଧାନସଭା ଆସନ ପାଇଁ ପ୍ରଶାନ୍ତଙ୍କୁ ଟିକଟ ମିଳିବା ପରେ ଜଗତ୍‌ସିଂହପୁର ନିର୍ବାଚନମଣ୍ଡଳୀରେ ବିଜେଡି ଗୋଷ୍ଠୀ ବିବାଦ ଉଗ୍ର ରୂପ ନେଇଥିଲା। ପ୍ରଶାନ୍ତଙ୍କ ପ୍ରାର୍ଥିତ୍ୱକୁ ଅମରେନ୍ଦ୍ର ଖୋଲାଖୋଲି ବିରୋଧ କରିଥିଲେ। ଏପରି କି ନବୀନ ନିବାସ ଆଗରେ ନିର୍ବାଚନମଣ୍ଡଳୀରେ ଶହସ୍ରାଧିକ ଦଳୀୟ ନେତା ଓ କର୍ମୀ ରୁଣ୍ଡ ହୋଇ ଅମରେନ୍ଦ୍ରଙ୍କ ସପକ୍ଷରେ ପୁନର୍ବିଚାର ପାଇଁ ହୋହଲ୍ଲା କରିଥିଲେ। ଶେଷରେ ବିଷ୍ଣୁଙ୍କ ସ୍ଥାନରେ ଅମରେନ୍ଦ୍ରଙ୍କୁ ଦଳ ଜିଲା ସଭାପତି ଘୋଷଣା କରାଯାଇଥିଲା। ନିର୍ବାଚନ ପରେ ଅମରେନ୍ଦ୍ରଙ୍କୁ ରାଜ୍ୟ କାଜୁ ନିଗମ ଅଧ୍ୟକ୍ଷ ପଦ ମିଳିଥିଲା। ଅମରେନ୍ଦ୍ରଙ୍କୁ ଦଳ ତରଫରୁ ଗୁରୁତ୍ୱ ଦିଆଯାଉଥିବାବେଳେ ଏବେ ଜିଲା ସଭାପତି ପଦ କାଢ଼ି ନିଆଯିବା ଆଲୋଚନାର ବିଷୟ ହୋଇଛି। ଅମରେନ୍ଦ୍ର ବିଷ୍ଣୁଙ୍କ ଅନୁଗତ ଥିଲେ। ଗତ ନିର୍ବାଚନର ପାଖାପାଖି ୧ ବର୍ଷ ପୂର୍ବରୁ ବିଷ୍ଣୁ ଜଗତ୍‌ସିଂହପୁର ପରିବର୍ତ୍ତେ ତିର୍ତ୍ତୋଲ ବିଧାନସଭା ଆଶନରୁ ପ୍ରାର୍ଥୀ ହେବାକୁ ଇଚ୍ଛୁକ ବୋଲି ଘୋଷଣା କରିଥିଲେ। ଜଗତ୍‌ସିଂହପୁରରେ ତାଙ୍କ ସ୍ଥାନରେ ଅମରେନ୍ଦ୍ରଙ୍କୁ ପ୍ରାର୍ଥୀ କରାଯିବା ପାଇଁ ନିର୍ବାଚନମଣ୍ଡଳୀର ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମରେ ଘୋଷଣା କରିଥିଲେ। ଅମରେନ୍ଦ୍ର ମଧ୍ୟ ମାରାଥନ ପ୍ରଚାର କରିଥିଲେ। କିନ୍ତୁ ଦଳ ତାଙ୍କ ସ୍ଥାନରେ ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀରେ ୨ ଥର ବିଧାୟକ ହୋଇଥିବା ପ୍ରଶାନ୍ତଙ୍କୁ ଜଗତ୍‌ସିଂହପୁର ଆଶନରେ ପ୍ରାର୍ଥୀ କରିଥିଲା। ଯେହେତୁ ପ୍ରଶାନ୍ତ ନୂଆ କରି ଜଗତ୍‌ସିଂହପୁର ଆସନରୁ ପ୍ରାର୍ଥୀ ହୋଇଥିଲେ ତେଣୁ ପୂର୍ବତନ ଜଗତ୍‌ସିଂହପୁର ବିଧାୟକ ଚିରଞ୍ଜୀବ ବିଶ୍ୱାଳ ଜିତିବେ ବୋଲି ପୂର୍ବାନୁମାନ କରାଯାଉଥିଲା। ବିଜେଡିରେ ଗୋଷ୍ଠୀ କନ୍ଦଳ ଓ ପ୍ରଶାନ୍ତ ନିର୍ବାଚନ ମଣ୍ଡଳୀରେ ନୂଆ ତେଣୁ ଭୋଟ ବିଭାଜନ ହୋଇଯିବା ସମ୍ଭାବନା ପ୍ରକାଶ ପାଇଥିଲା। କିନ୍ତୁ ପ୍ରଶାନ୍ତଙ୍କ ରାଜନୈତିକ ବିଚକ୍ଷଣତା ଓ କୌଶଳ ଏ ସମସ୍ତ ସମ୍ଭାବନା ଉପରେ ପୂର୍ଣ୍ଣଚ୍ଛେଦ ପକାଇଥିଲା। ଚିରଞ୍ଜୀବଙ୍କୁ ୮,୬୪୨ ଖଣ୍ଡ ଭୋଟ ବ୍ୟବଧାନରେ ପଛରେ ପକାଇ ପ୍ରଶାନ୍ତ ବିଧାୟକ ହୋଇଥିଲେ। ତେଣୁ ସେ ମନ୍ତ୍ରୀ ହେବେ ବୋଲି ଆଶାବାଦୀ ଥିଲେ। ଦଳ ରାଜ୍ୟ ସଭାପତି କିନ୍ତୁ ତାଙ୍କୁ ମନ୍ତ୍ରୀ ପରିବର୍ତ୍ତେ ପୂର୍ବପରି ଜିଲା ଯୋଜନା କମିଟି ଅଧ୍ୟକ୍ଷ ପଦବୀ ଦେଇଥିଲେ। ମନ୍ତ୍ରୀ ପଦ ବାଲିକୁଦା-ଏରସମା ବିଧାୟକ ରଘୁନନ୍ଦନ ଦାସଙ୍କୁ ଦେଇଥିଲେ। ରଘୁନନ୍ଦନଙ୍କ ଓ ପ୍ରଶାନ୍ତ ଅତୀତରେ ଉଭୟ ଗୋଟିଏ ନିର୍ବାଚନ ମଣ୍ଡଳୀରେ ବିଜେଡିରେ ଥିଲା ବେଳେ କ୍ଷମତାକୁ ନେଇ ଲଢେଇ ହୋଇଥିଲା। ପ୍ରଶାନ୍ତ ଆଗେଇ ଯାଇଥିବାବେଳେ ରଘୁନନ୍ଦନ ପଛରେ ପଡି ଶେଷରେ ଦଳ ଛାଡିଥିଲେ। ରଘୁନନ୍ଦନ ଘର ବାହୁଡିଲାପରେ ବିଧାୟକ ହେବା ସହ ମନ୍ତ୍ରୀ ପଦ ପାଇଛନ୍ତି। ଏଭଳିସ୍ଥିତିରେ ପ୍ରଶାନ୍ତ ନିଜର ରାଜନୈତିକ ବିଚକ୍ଷଣତା ପ୍ରୟୋଗ କରି ଦଳ ଜିଲା ସଭାପତି ହୋଇଛନ୍ତି। ତେବେ ସମସ୍ତଙ୍କୁ ଏକାଠିକରି ପ୍ରଶାନ୍ତ ଏବେ କିପରି କାର୍ଯ୍ୟ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

## ସଂକ୍ଷେପରେ

### ଧାନମଣ୍ଡି ଟୋକନ୍ ସଂଖ୍ୟା ବୃଦ୍ଧି କରିବାକୁ ଦାବି

**ରଘୁନାଥପୁର, ୨୨।୨ (ଡି.ଏନ୍.ଏ):** ଉପକୂଳ ଓଡ଼ିଶାର ବିଭିନ୍ନ ଧାନମଣ୍ଡିରେ ପଞ୍ଜୀକୃତ ଚାଷୀଙ୍କ ସଂଖ୍ୟା ଅନୁସାରେ ଧାନ ନିଆଯାଇ ପାରୁନାହିଁ। ଫଳରେ ନିର୍ଦ୍ଧାରିତ ସମୟରେ ଚାଷୀଙ୍କ ଧାନ କ୍ରୟ କରାଯିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏହାଛଡ଼ା ଦିଆଯାଉଥିବା ଟୋକନ୍ ସଂଖ୍ୟା ଅନୁଯାୟୀ ବଡ଼ ଚାଷୀ ରହିଯାଉଥିବାରୁ, କ୍ଷୁଦ୍ର ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଏ ନେଇ ଜଗତ୍‌ସିଂହପୁର ଜିଲା କୃଷକ ସଙ୍ଗଠନ ପକ୍ଷରୁ ସଭାପତି ଗୋବିନ୍ଦ ଚନ୍ଦ୍ର ଜେନା ଦୃଷ୍ଟି ଦେବାକୁ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। ସଙ୍ଗଠନର ସମ୍ପାଦକ ଇଂ. ବାବାଜୀ ଚରଣ ଜେନା, ପ୍ରତ୍ୟେକ ମଣ୍ଡିରେ ଚାଷୀଙ୍କ ଟୋକନ୍ ସିଷ୍ଟମ୍‌ରେ ଚାଷୀଙ୍କ ସଂଖ୍ୟା ବୃଦ୍ଧି କରିପାରିଲେ ଧାର୍ଯ୍ୟ ସମୟ ମଧ୍ୟରେ ସମସ୍ତ ଚାଷୀ ମଣ୍ଡିରେ ଧାନ ଦେଇପାରିବେ ବୋଲି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସଙ୍ଗଠନ ପକ୍ଷରୁ ରାଜ୍ୟ ଖାଉଟି ଓ ଯୋଗାଣ ମନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ ପତ୍ର ପଠାଯାଇଛି। ସମ୍ପାଦକ ଇଂ. ଜେନା ପ୍ରକାଶ କରିଛନ୍ତି। ଜିଲାର ବିଭିନ୍ନ ଅଞ୍ଚଳରୁ ଚାଷୀମାନେ ଅଧିକ ସଂଖ୍ୟାରେ ଚାଷୀଙ୍କୁ ଟୋକନ ପ୍ରଦାନ ପାଇଁ ସଙ୍ଗଠନର ଉପସଭାପତି ସାରଦା ପ୍ରସାଦ ରାୟ, ସହସମ୍ପାଦକ ଅଭୟ ସାମନ୍ତରାୟ, କୋଷାଧ୍ୟକ୍ଷ ସିଦ୍ଧାର୍ଥ ତ୍ରିପାଠୀ, କର୍ମକର୍ତ୍ତା ବିନୋଦ ବିହାରୀ ମହାନ୍ତି, ଯୁଧିଷ୍ଠିର ବିଶ୍ୱାଳ, ବିଭୂତି ଭୂଷଣ ଦାସ ପ୍ରମୁଖ କହିଛନ୍ତି।

# 'ପ୍ରବୃତ୍ତି ନୁହେଁ, ବୃତ୍ତିକୁ ଅଗ୍ରାଧିକାର ଦିଆଯାଏ'

**ଜଗତ୍‌ସିଂହପୁର ଅଫିସ,୨୨।୨**



ସାରସ୍ୱତ ବାତାୟନର ୫ମ ବୈଠକରେ ମଞ୍ଚାସୀନ ଅତିଥି।

- ସାରସ୍ୱତ ବାତାୟନର ୫ମ ବୈଠକ
- ଇଂଲିଶ ଅପେକ୍ଷା ଓଡ଼ିଆ ଭାଷାରେ ପ୍ରଚୁର ଶବ୍ଦରାଶି ଅଛି
- ଅନେକ କ୍ଷେତ୍ରରେ ବୃତ୍ତି ଉପରେ ପ୍ରବୃତ୍ତି ଭାରି ପଡିଛି

ବୃତ୍ତି ଅପେକ୍ଷା ବୃତ୍ତିକୁ ସର୍ବଦା ଅଗ୍ରାଧିକାର ଦିଆଯାଏ। କାରଣ କରଦାତାଙ୍କ କରରେ ସରକାରୀ କର୍ମଚାରୀ ଦରମା ପାଇଥାନ୍ତି। ତେଣୁ ସେମାନଙ୍କ ବୃତ୍ତି ପାଇଁ ନିଷ୍ଠା ଓ ଜନସାଧାରଣଙ୍କ ପ୍ରତି ଉତ୍ତରଦାୟିତ୍ୱ ରହିବା ଦରକାର। ବୃତ୍ତିରେ ଶତପ୍ରତିଶତ ସଫଳତା ପାଇବା ଜରୁରୀ। ଶନିବାର ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ସାରସ୍ୱତ ବାତାୟନର ୫ମ ବୈଠକରେ ମୁଖ୍ୟଅତିଥିଭାବେ ଯୋଗଦେଇ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ନିର୍ଦ୍ଦେଶକ ଡ. ଦେବାଶିଷ ପାଣିଗ୍ରାହୀ ଏହା କହିଛନ୍ତି। ବାତାୟନର ବିଷୟ ଥିଲା ବୃତ୍ତି ଓ ପ୍ରବୃତ୍ତି। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ. ପାଣିଗ୍ରାହୀ ତାଙ୍କ ଅତୀତର କଥା ବଖାଣି କହିଥିଲେ, ଯେତେବେଳେ ୟୁପିଏସ୍‌ସି (ୟୁନିୟନ ପବ୍ଲିକ ସର୍ଭିସ କମିଶନ) ପରୀକ୍ଷା ଦେବାକୁ ଚାହିଁଥିଲେ ଓଡ଼ିଆ ଭାଷାକୁ ବାଛିଥିଲେ। ସେ ଓଡ଼ିଆରେ ସ୍ନାତକ କିମ୍ବା ସ୍ନାତକୋତ୍ତର କରି ନ ଥିଲେ ସୁଦ୍ଧା ପରୀକ୍ଷା ଦେବାର ୪ ମାସ ପୂର୍ବରୁ ଏହି ଭାଷା ବାଛି ପରୀକ୍ଷା ଦେବାକୁ ପ୍ରସ୍ତୁତ ହୋଇଥିଲେ। ଫଳ ପ୍ରକାଶ ପାଇଲା ପରେ ସେ ୬୦% ମାର୍କ ରଖିଥିବାବେଳେ ସାରା ଦେଶରେ ୯୬ତମ ର୍ୟାଙ୍କରେ ରହିଥିଲେ।

ଓଡ଼ିଆରେ ସେତେବେଳେ ୬୦% ମାର୍କ ରଖିବା ସହଜ କଥା ନ ଥିଲା, ଯେଉଁ କାରଣରୁ ଦୀର୍ଘ ବର୍ଷ ପର୍ଯ୍ୟନ୍ତ କେହି ତାଙ୍କ ରେକର୍ଡ ଭାଙ୍ଗିପାରି ନ ଥିଲେ। କହିବାକୁ ଗଲେ କେବଳ ଓଡ଼ିଆ ଯୋଗୁ ସେ ଏହି ସଫଳତା ପାଇ ପାରିଥିଲେ। ଏଠି ପ୍ରବୃତ୍ତି ତାଙ୍କୁ ବୃତ୍ତି ଦେଇଥିବା ଡ. ପାଣିଗ୍ରାହୀ କହିବା ନିଆରା ପରିବେଶ ସୃଷ୍ଟି କରିଥିଲା। ନିଜର ବୃତ୍ତି ଓ ପ୍ରବୃତ୍ତିକୁ ନେଇ ସେ ତୁଳନାତ୍ମକ ଉପସ୍ଥାପନ କରିଥିଲେ। ଯେହେତୁ ପୋଲିସ ବିଭାଗରେ ଚାକିରି କରିଛନ୍ତି, ତେଣୁ ବୃତ୍ତିରେ ଧୂସର ରଙ୍ଗର ପୋଷାକ ପିନ୍ଧୁଛନ୍ତି। କିନ୍ତୁ ପ୍ରବୃତ୍ତି ସାହିତ୍ୟ ରଚନା, ଯାହାର ରଙ୍ଗ ହେଉଛି ସବୁଜ। ସବୁଜ ଓ ଧୂସର ମଧ୍ୟରେ ସମନ୍ୱୟ ରହିବା ଜରୁରୀ। ଯଦିଓ ବୃତ୍ତି ଓ ପ୍ରବୃତ୍ତି ମଧ୍ୟରେ ବିଚ୍ଛିନ୍ନତା ରହିଛି, କିନ୍ତୁ ଏହା ଶତପ୍ରତିଶତ ନୁହେଁ। ଅନେକ ସମୟରେ ଗୋଟିଏ ଅନ୍ୟ ଭିତରେ ଅନୁପ୍ରବେଶ କରିବାର ମଧ୍ୟ ନଜିର ରହିଛି।

ଅନେକ ବ୍ୟକ୍ତି ବୃତ୍ତି ଅପେକ୍ଷା ପ୍ରବୃତ୍ତିରେ ସୁନାମ ଅର୍ଜନ କରିଛନ୍ତି। ସେମାନଙ୍କ ମଧ୍ୟରେ ଶିବବ୍ରତ ଦାଶଙ୍କ କଥା ଆଲୋଚନା କରାଯାଇପାରେ। ଦାଶ ପୋଲିସ ଅଧିକାରୀ ହୋଇ ମଧ୍ୟ ଜଣେ ସୁନାମଧନ୍ୟ ଗୀତିକାର ହୋଇ ପାରିଥିଲେ। ତାଙ୍କ ରଚିତ ନଦୀର ନାଁ ଅଳସ କନ୍ୟା...ଭଳି ଲୋକପ୍ରିୟ ଗୀତ ଅକ୍ଷୟ ମହାନ୍ତି ଗାଇଥିଲେ। ସେହିପରି ବଙ୍କିମଚନ୍ଦ୍ର, ଫକୀରମୋହନ ସେନାପତି, ଗୋପୀନାଥ ମହାନ୍ତି, ସଚ୍ଚି ରାଉତରାୟ, ଅଖିଳ ମୋହନ ପଟ୍ଟନାୟକଙ୍କଠାରୁ ଆରମ୍ଭ କରି ଅକ୍ଷୟ ମହାନ୍ତିଙ୍କ ପର୍ଯ୍ୟନ୍ତ ଓଡ଼ିଶାରେ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରି ପାରିଥିଲେ ସୁଦ୍ଧା ସେମାନଙ୍କ ବୃତ୍ତି ନିଆରା ଥିଲା। କିନ୍ତୁ ସାହିତ୍ୟ ସାଧନା ଥିଲା ସେମାନଙ୍କ ପ୍ରବୃତ୍ତି। ଏହି ପ୍ରବୃତ୍ତି ଅନେକ ସମୟରେ ବୃତ୍ତି ଉପରେ ଭାରି ପଡିଥାଏ। ମନ ଯାହା ଚାହେଁ ତାହା ସବୁ ସମୟରେ ସମସ୍ତଙ୍କୁ ମିଳେନା। ପ୍ରବୃତ୍ତିକୁ ଚାହିଁ ବୃତ୍ତିରେ ରହିବା ଉଚିତ। କିନ୍ତୁ ସମ୍ପ୍ରତି ଚାକିରି ସମସ୍ୟା ଏଥିରେ ବାଧକ ସାଜିଛି। ବ୍ୟକ୍ତି ହିସାବରେ ଘଟଣା ପ୍ରବାହରେ କାହାନେଇ ମର୍ମାହତ ବା କ୍ଷତାକ୍ତ ହୋଇପାରନ୍ତି। ମନ ବ୍ୟଥିତ ହୋଇପାରେ। ମାତ୍ର ପ୍ରଶାସନରେ ଏଭଳି ସମ୍ବେଦନଶୀଳତାର ସ୍ଥାନ ନାହିଁ। ଯାହା କର୍ମ ତାହା କରବା ଉଚିତ ବୋଲି ଡ. ପାଣିଗ୍ରାହୀ ମତବ୍ୟକ୍ତ କରିଥିଲେ। ରେଭେନ୍ସାରେ ପଢିଲାବେଳେ ଡ. ପାଣିଗ୍ରାହୀଙ୍କ ସହ କାଟିଥିବା ଯୁବ ବୟସର ସାହିତ୍ୟ ଆସରର ସ୍ମୃତିଚାରଣ କରିଥିଲେ ଜିଲାପାଳ ମହାପାତ୍ର। ବୈଠକରେ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ପ୍ରକାଶ ଆର୍, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତିଙ୍କ ସମେତ ପ୍ରଶାସନିକ ଅଧିକାରୀ, ବୁଦ୍ଧିଜୀବୀମାନେ ଯୋଗଦେଇ ଅନ୍ତରଙ୍ଗ ଆଳାପରେ ଭାଗ ନେଇଥିଲେ।

### ଛାତ୍ରୀଙ୍କ ଅଶ୍ଳୀଳ ଫଟୋ ଭାଇରାଲକୁ ନେଇ ଗଣ୍ଡଗୋଳ

**ପାରାଦୀପ,୨୨।୨(ସ୍ୱ.ପ୍ର.):** ପାରାଦୀପ ଲକ୍‌ଥାନା ଅଞ୍ଚଳରେ ଶନିବାର ସନ୍ଧ୍ୟାରେ ଜଣେ ନବାଳିକା ଛାତ୍ରୀଙ୍କ ଅଶ୍ଳୀଳ ଫଟୋ ଭାଇରାଲକୁ ନେଇ ଗଣ୍ଡଗୋଳ ଘଟିଛି। ଫଟୋ ଭାଇରାଲ କରିଥିବା ଯୁବକଙ୍କ ଆକ୍ରମଣରେ ଛାତ୍ରୀଙ୍କ ଭାଇ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ଅଠରବାଙ୍କୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାକୁ ନେଇ ନାବାଳିକାଙ୍କ ମା' ଲକ୍‌ଥାନାରେ ଅଭିଯୋଗ କରିଛନ୍ତି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସମ୍ପୃକ୍ତ ଯୁବକଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ଥାନା ଅଧିକାରୀ ପ୍ରଭାସ ରଞ୍ଜନ ସାହୁ କହିଛନ୍ତି। ମିଳିଥିବା ସୂଚନା ଅନୁସାରେ, ୧୬ ବର୍ଷୀୟା ଛାତ୍ରୀ ଜଣଙ୍କ ଭୁବନେଶ୍ୱରର ଏକ ଘରୋଇ କଲେଜରେ ପାଠ ପଢୁଥିଲେ। ଲକ୍ ଥାନା ଅଧୀନ ଗଡ଼ ଅଞ୍ଚଳର ଯୁବକ ମଧ୍ୟ ସେଠାରେ ପଢୁଥିଲେ। ଫଳରେ ଉଭୟ ଟିକ୍‌ଟକ୍ ଭିଡିଓ କରିଥିଲେ। ଏହି ସମୟରେ ସମ୍ପୃକ୍ତ ଯୁବକ ଛାତ୍ରୀଙ୍କ ଅଶ୍ଳୀଳ ଫଟୋ ଉଠାଇ ତାଙ୍କୁ ବ୍ଲାକମେଲ କରିବା ସହ ସମ୍ପର୍କ ରଖିଥିଲେ। ଏ ସମ୍ପର୍କରେ ଛାତ୍ରୀ ଘରେ ଜଣାଇବାରେ ଛାତ୍ରୀଙ୍କ ପରିବାର ଯୁବକଙ୍କୁ ଏକଥା ପଚାରିବାକୁ ତାଙ୍କ ଘରକୁ ଯାଇଥିଲେ। ଏହି ସମୟରେ ଯୁବକଜଣକ ଛାତ୍ରୀଙ୍କ ଭାଇଙ୍କୁ ଛୁରୀରେ ଆକ୍ରମଣ କରିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି।

# ପୃଥକ୍ ଦୁର୍ଘଟଣାରେ ଯୁବକ ମୃତ, ଜଣେ ଗୁରୁତର

**ରଘୁନାଥପୁର/ବିରିଡ଼ି/ବାଲିଆ, ୨୨।୨ (ଡି.ଏନ.ଏ.)**



ରାସ୍ତାରୋକୋ ସ୍ଥଳରେ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରୁଛି।

**୨ ଘଣ୍ଟା ରାସ୍ତା ଅବରୋଧ**

କଟକ-ପାରାଦୀପ ରାସ୍ତାର କଣ୍ଟିଆର ଛକ ଏବଂ କଟକ ନୂଆଗାଁ ୫୫ନଂ ଜାତୀୟ ରାଜପଥର ଶଢ଼େଇ ଶାସନ ନାରାୟଣୀ ମନ୍ଦିର ନିକଟରେ ଶନିବାର ପୃଥକ୍ ସଡ଼କ ଦୁର୍ଘଟଣା ଘଟିଛି। କଣ୍ଟିଆରଠାରେ ଘଟିଥିବା ଦୁର୍ଘଟଣାରେ ବାଇକ ଚାଳକ ଏରସମା ଅଞ୍ଚଳର ସୁନା ଦୋକାନୀ ସୁରେନ୍ଦ୍ର ସାହୁଙ୍କ ପୁଅ ପ୍ରକାଶ ସାହୁଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣା ଘଟାଇଥିବା କ୍ଷୀର ବୋଝେଇ ପିକ୍‌ଅପ୍ ଭ୍ୟାନ ଫେରାର ହୋଇଯାଇଛି। ଏହି ମର୍ମନ୍ତୁଦ ଦୁର୍ଘଟଣା ପରେ ସେଠାରେ ଅଞ୍ଚଳର ଜନସାଧାରଣ କ୍ଷତିପୂରଣ ଦାବିରେ ୨ ଘଣ୍ଟା ରାସ୍ତା ଅବରୋଧ କରିଥିଲେ। ଏହାକୁ ନେଇ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା।

ପ୍ରକାଶଯୋଗ୍ୟ, ଏରସମା ଅଞ୍ଚଳରୁ ପ୍ରକାଶ ଏକ ବାଇକ ଯୋଗେ କଟକ ଯାଉଥିଲେ। କଣ୍ଟିଆର ଛକର ଡାହାଣ ପଟ ରାସ୍ତା ବୋଦର ଆଡୁ କ୍ଷୀର ବୋଝେଇ ପିକ୍‌ଅପ୍ ଭ୍ୟାନ କୌଣସି ସିଗନାଲ ନ ଦେଇ ଦ୍ରୁତ ଗତିରେ ରାସ୍ତା ମଝିକୁ ଆସି କଟକ ମୁହାଁ ହେଉଥିବା ବେଳେ ଉକ୍ତ ବାଇକକୁ ଧକ୍କା ଦେଇଥିଲା। ଫଳରେ ପ୍ରକାଶ ଛିଟିକି ରାସ୍ତା ଉପରେ ପଡ଼ିଥିଲେ। ତାଙ୍କ ମୁଣ୍ଡରେ ଆଘାତ ଲାଗିବାରୁ ଘଟଣାସ୍ଥଳରେ ସେ ଗୁରୁତର ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ରଘୁନାଥପୁର ପୋଲିସ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରକାଶଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇ ଆସିବା ପରେ ଗାଁ ମଶାଣିରେ ଦାହ କରାଯାଇଛି। ତାଙ୍କ ସାନଭାଇ ୧୦ ବର୍ଷ ତଳେ ମୃତବସ୍ଥାରେ କାଠଯୋଡ଼ି ନଦୀବନ୍ଧରୁ ଉଦ୍ଧାର ହୋଇଥିଲେ।

ସେହିପରି କଟକ-ନୂଆଗାଁ ୫୫ନଂ ଜାତୀୟ ରାଜପଥ ଶଢେଇ ଶାସନ ନାରାୟଣୀ ମନ୍ଦିର ନିକଟରେ ସକାଳେ ଅଜଣା ବ୍ୟକ୍ତିଙ୍କ ବାଇକକୁ ଏକ ବୋଲେର ଧକ୍କା ଦେଇଥିଲା। ଏଥିରେ ବାଇକ ଆରୋହୀ ଗୁରୁତର ହୋଇଥିଲେ। ଖବର ପାଇ ସ୍ଥାନୀୟ ସରପଞ୍ଚ ଅମିତ ରାଉଳ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ମେଡିକାଲ ପଠାଇ ଥିଲେ। ଏହି ୨ଟି ଦୁର୍ଘଟଣା ବିରିଡି ଥାନା ଅଧୀନରେ ଘଟିଥିବାରୁ କଣ୍ଟିଆର ଦୁର୍ଘଟଣାରେ ବାଇକକୁ ପୋଲିସ ଥାନାକୁ ଆଣିଥିବା ବେଳେ ଦୁଗ୍ଧ ଗାଡି ଧରିବା ପାଇଁ ଛାନବିନ୍ ଆରମ୍ଭ କରିଛି। ଶଢେଇଶାସନ ଦୁର୍ଘଟଣାରେ ବୋଲେରୋ ଓ ବାଇକକୁ ଜବତ କରାଯାଇ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ପାରୋଓ ଗୁରୁ ସୂଚନା ଦେଇଛନ୍ତି।

### ଅହମ୍ମଦାବାଦ କପଡ଼ା ଲେବଲ କାରଖାନାରେ ଅଗ୍ନିକାଣ୍ଡ
# ୩ ଓଡ଼ିଆ ଶ୍ରମିକ ପୋଡ଼ିହୋଇ ମୃତ

**ରସୁଲପୁର, ୨୨।୨(ଡି.ଏନ୍.ଏ)**

ଗୁଜରାଟ ଅହମ୍ମଦାବାଦର ଏକ କପଡ଼ା ଲେବଲ ପ୍ରସ୍ତୁତି କାରଖାନାରେ ଶନିବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ୩ଜଣ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ନାମ ହେଲା ଦୟାନିଧି ଖୁଣ୍ଟିଆ(୩୭), ଚିନ୍ମୟ ଖୁଣ୍ଟିଆ(୨୫) ଏବଂ କାମେଶ ସିଂ(୨୩)। ମୃତକଙ୍କ ଘର ଯାଜପୁର ସଦର ଥାନା ଅନ୍ତର୍ଗତ ଜମଧର ଗ୍ରାମରେ। ଏହି ଘଟଣାରେ ଶ୍ରମିକ ରାଜେନ୍ଦ୍ର ଖୁଣ୍ଟିଆ, ଦୀପୁ ସାମଲ ଓ ଲିପୁ ସାମଲ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ମିଳିଥିବା ସୂଚନା ଅନୁସାରେ ଅହମ୍ମଦାବାଦର ଓଧାବ୍ ଜିଆଇଡିସି ଅଞ୍ଚଳରେ ଥିବା ଲୋଟସ କପଡ଼ା ଲେବଲ୍ କାରଖାନାରେ ଉପରୋକ୍ତ ଶ୍ରମିକମାନେ କାର୍ଯ୍ୟ କରନ୍ତି। ଶୁକ୍ରବାର ରାତିରେ ନାଇଟ ଡ୍ୟୁଟି ସାରି ସେମାନେ କାରଖାନାର ୩ୟ ମହଲାରେ ଥିବା ଏକ କୋଠରୀରେ ଶୋଇଥିଲେ। ଶନିବାର ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ କୌଣସି କାରଣରୁ କାରଖାନାରେ ନିଆଁ ଲାଗିଯାଇଥିଲା। ନିଆଁ ସହ ଧୂଆଁର ମାତ୍ରା ଅତ୍ୟଧିକ ଥିବାରୁ ଦୟାନିଧି, ଚିନ୍ମୟ ଓ କାମେଶ କୋଠରୀରୁ ବାହାରକୁ ଆସି ପାରି ନ ଥିଲେ। ଅପରପକ୍ଷରେ ରାଜେନ୍ଦ୍ର, ଦୀପୁ ଏବଂ ଲିପୁ ଛାତ ଉପରକୁ ଆସି ଅନ୍ୟମାନଙ୍କ ସହଯୋଗରେ ତଳକୁ ଆସିଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ନିଆଁକୁ ଆୟତ୍ତ କରି ଦୟାନିଧି, ଚିନ୍ମୟ ଓ କାମେଶଙ୍କ ମୃତଦେହ ଉଦ୍ଧାର କରିଥିଲେ। ଧୂଆଁରେ ଶ୍ୱାସରୁଦ୍ଧ ହୋଇ ୩ଜଣଙ୍କ ମୃତ୍ୟୁ ଘଟିଥିବା କୁହାଯାଉଛି। ଏହି ଖବର ଜଣାପଡ଼ିବା ପରେ ଜମଧର ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ମୃତକମାନେ ପରିବାରର ରୋଜଗାର ସଦସ୍ୟ ହୋଇଥିବାରୁ ଏବେ ସେମାନଙ୍କ ପରିବାର ବେସାହାରା ହୋଇପଡ଼ିଛି। ମୃତ ଶ୍ରମିକଙ୍କ ମରଶରୀର କିପରି ଭାବେ ଗ୍ରାମକୁ ଅଣାଯାଇପାରିବ ସେନେଇ ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ନେବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି। ଏଥିସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି।




# ବାଲି ଉଠାଣକୁ ନେଇ ୨ ଗୋଷ୍ଠୀ ମୁହାଁମୁହିଁ

**କୁଜଙ୍ଗ,୨୨।୨(ଡି.ଏନ.ଏ.)**

- ଥାନାରେ ପୃଥକ୍ ଅଭିଯୋଗ
- ଜିଲାପାଳ ଦୃଷ୍ଟିଦେବାକୁ ଦାବି

କୁଜଙ୍ଗ ବ୍ଲକ ଅନ୍ତର୍ଗତ ଜିଲାନାସୀ ପଞ୍ଚାୟତ ଜୟଶଙ୍କପୁର ଗ୍ରାମର ମହାନଦୀ ପଠାରୁ ବାଲି ଉଠାଣକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଏନେଇ ଥାନାରେ ୨ଟି ପୃଥକ୍ ଅଭିଯୋଗ ହୋଇଛି। ପୋଲିସ ଉଭୟ ଅଭିଯୋଗ ଗ୍ରହଣ କରିବା ସହ ୨ଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ଗୋଟିଏ ଗୋଷ୍ଠୀର ଅଭିଯୋଗ ଯେ, ସ୍ଥାନୀୟ ସରପଞ୍ଚଙ୍କ ନିର୍ଦ୍ଦେଶ ଓ ପ୍ରତ୍ୟକ୍ଷ ସହଯୋଗରେ କିଛି ୱାର୍ଡ ସଭ୍ୟାସଭ୍ୟ ବେଆଇନଭାବେ ମହାନଦୀରୁ ବାଲି ଉଠାଇ ନେଉଛନ୍ତି। ଖାଲି ସେତିକି ନୁହେଁ ସରପଞ୍ଚଙ୍କ ଜେସିବି ଓ ଟ୍ରାକ୍ଟର ଏହି କାର୍ଯ୍ୟରେ ନିୟୋଜିତ ହୋଇଛି। ଶୁକ୍ରବାର ସରକାରୀ ଦପ୍ତର ବନ୍ଦଥିବାର ସୁଯୋଗ ନେଇ ସ୍ଥାନୀୟ ସରପଞ୍ଚଙ୍କ ସମେତ କେତେଜଣ ୱାର୍ଡ ସଭ୍ୟାସଭ୍ୟ ଏଠାକାର ଏକ ଗାଧୁଆ ତୁଠରୁ ବାଲି ଉଠାଉଥିଲେ। ଏହି ସମୟରେ ସେହି ଗ୍ରାମର ବୃଦ୍ଧା ସଖୀ ବେହେରା କୂଳ ଖାଇଯାଉଥିବା କହି ବାଲି ଉଠାଇବାକୁ ବାରଣ କରିଥିଲେ। ହେଲେ ସେମାନେ ବୃଦ୍ଧାଙ୍କ କଥା ଶୁଣି ନ ଥିଲେ। ଫଳରେ ବାଧହୋଇ ବୃଦ୍ଧା ଜଣକ ବାଲି ଟ୍ରାକ୍ଟର ଆଗରେ ଛିଡା ହୋଇ ଅଟକାଇଥିଲେ। ଏହାଦେଖି ସେମାନେ ସଖୀଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ମାଡମାରିଥିଲେ।

ପରେ ସଖୀଙ୍କ ପୁଅ ବିପିନ ମହାପାତ୍ର ଏନେଇ କୁଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଥାନା ପକ୍ଷରୁ ମାମଲା ନଂ-୫୧/୨୦ରେ ରୁଜୁ ହୋଇଛି। ଅନ୍ୟପକ୍ଷରେ ଗ୍ରାମ୍ୟ ରାସ୍ତାର ଉନ୍ନତୀକରଣ ନିମନ୍ତେ କିଛି ଲୋକ ରାସ୍ତା ସଫା କରୁଥିବା ବେଳେ ସଖୀଙ୍କ ପୁଅ ପ୍ରସନ୍ନ ମହାପାତ୍ର ଓ ତାଙ୍କ ନାତି ପହଞ୍ଚି ରାସ୍ତା କାମ ବନ୍ଦ କରିବାକୁ କହି ସେମାନଙ୍କୁ ଅଶ୍ଳୀଳଭାଷାରେ ଗାଳି ଗୁଲଜ କରିଥିଲେ ବୋଲି ଜୟଶଙ୍କପୁର ଗ୍ରାମର ଚିତ୍ତରଞ୍ଜନ ବେହେରାଙ୍କ ସ୍ତ୍ରୀ ଶୁଭଲକ୍ଷ୍ମୀ ବେହେରା ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁସାରେ ଥାନା ପକ୍ଷରୁ ଏକ ମାମଲା ନଂ-୫୨/୨୦ ରୁଜୁ କରାଯାଇଛି।

ପ୍ରକାଶଯୋଗ୍ୟ, ଜିଲାନାସୀ ପଞ୍ଚାୟତ ଅନ୍ତର୍ଗତ ମହାନଦୀରୁ ବାଲି ଉଠାଣକୁ ନେଇ ଦୀର୍ଘ ଦିନଧରି ଉଭୟ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗି ରହିଛି। ତେଣୁ ଯେଉଁ ୨ଟି ଅଭିଯୋଗ ହୋଇଛି ତାହା ୨ ଗୋଷ୍ଠୀର ଅଭିଯୋଗ ବୋଲି ଜଣାପଡ଼ିଛି। ଏହି ବାଲି ଉଠାଣ ଓ ବୃଦ୍ଧାଙ୍କୁ ଆକ୍ରମଣ ସମ୍ପର୍କରେ ସରପଞ୍ଚ ପ୍ରମୋଦ ସ୍ୱାଇଁଙ୍କୁ ପଚାରିବାରେ ସେ କହିଥିଲେ, ଗରିବ ଲୋକ ଇନ୍ଦିରା ଆବାସ ଘର ନିର୍ମାଣ ପାଇଁ ବାଲି ନେଉଛନ୍ତି। ସେହିପରି ପଞ୍ଚାୟତର ଉନ୍ନୟନ କାର୍ଯ୍ୟନିମନ୍ତେ ୱାର୍ଡ ସଭ୍ୟାସଭ୍ୟ ବାଲି ଉଠାଉଛନ୍ତି ଓ ଏଥି ନିମନ୍ତେ ସରକାରୀ ଅନୁମତି ମିଳିଛି। ଯେଉଁ ବୃଦ୍ଧା ଚାଲିବାକୁ ସକ୍ଷମ ନୁହନ୍ତି ଏବଂ ସେ ମୋର ମା' ସମାନ ଆମେ କାହିଁକି ତାଙ୍କୁ ଆକ୍ରମଣ କରିବୁ ବୋଲି ସରପଞ୍ଚ ଓଲଟି ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ପ୍ରଭାସ କୁମାର ବେଉରାଙ୍କୁ ପଚାରିବାରେ ସେ କହିଛନ୍ତି, ବାଲି ଉଠାଣ ପାଇଁ କାହାକୁ ଅନୁମତି ଦିଆଯାଇନାହିଁ। ଯେଉଁମାନେ ବେଆଇନ ଭାବେ ବାଲି ଉଠାଉଛନ୍ତି ସେମାନଙ୍କଠାରୁ ଜରିମାନା ଆଦାୟ କରାଯିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ଖୁବ୍‌ଶୀଘ୍ର ସେମାନଙ୍କଠାରୁ ଜରିମାନା ଆଦାୟ କରାଯିବ। ଉନ୍ନୟନ କାମ ଓ ଇନ୍ଦିରା ଆବାସ ନିର୍ମାଣ ପାଇଁ ବାଲି ଉଠାଇବାକୁ ସରକାର ସମ୍ମତି ଦେଇ ନ ଥିବା ବେଳେ ଜୟଶଙ୍କପୁର ମୌଜା ମହାନଦୀ ପଠାରୁ ବାଲି ଉଠାଣ କେତେଦୂର ଯୁକ୍ତିଯୁକ୍ତ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ ଜିଲାପାଳ ତୁରନ୍ତ ଘଟଣାରେ ହସ୍ତକ୍ଷେପ କରି ବେଆଇନ ବାଲି ଉଠାଣ ବନ୍ଦ କରିବାକୁ ଦାବି ହୋଇଛି। ଯଦି ଜିଲାପାଳ ଏ ଦିଗରେ ଦୃଷ୍ଟି ନ ଦିଅନ୍ତି ତେବେ ଆଗକୁ ୨ ଗୋଷ୍ଠୀ ମଧ୍ୟରେ ବଡ଼ ଧରଣର ଗଣ୍ଡଗୋଳ ଘଟିବାର ସମ୍ଭାବନା ରହିଥିବା ଚର୍ଚ୍ଚା ହେଉଛି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୩ ଫେବୃୟାରୀ, ୨୦୨୦



ଅନ୍ତର୍ନିହିତ ଦେବତ୍ୱ ବିକାଶର ନାମ ହିଁ ଧର୍ମ।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ଟ୍ରକ୍ ଚୋରି ଘଟଣା: ଡ୍ରାଇଭର ଗିରଫ

**କଳିଙ୍ଗନଗର,୨୨।୨(ଡି.ଏନ୍.ଏ):** କଳିଙ୍ଗନଗର ପୋଲିସ ଏକ ଟ୍ରକ ଚୋରି ଘଟଣାରେ ସମ୍ପୃକ୍ତ ଟ୍ରକ ଡ୍ରାଇଭରଙ୍କୁ ଶନିବାର ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଟ୍ରକ ଡ୍ରାଇଭର ଜଣକ ହେଉଛନ୍ତି ଢେଙ୍କାନାଳ ଜିଲା କାମାକ୍ଷାନଗର ଅଞ୍ଚଳର ସୁରେନ୍ଦ୍ର ଓରଫ ସିଟୁନ ସେଠୀ (୧୯)। ୩୦।୮।୧୯ରେ ଡୁବୁରୀ ଗାଁର ଶ୍ୟାମସୁନ୍ଦର ସାହୁଙ୍କ ଟ୍ରକ (ନଂ. ଓଆର୦୯ପି ୩୬୮୮) ମାଇନିଂ ଅଞ୍ଚଳକୁ ଲୋଡିଂ ପାଇଁ ଯାଇ ଫେରି ନ ଥିଲା। ଫଳରେ ଗାଡି ମାଲିକ ପରଦିନ କଳିଙ୍ଗନଗର ଥାନାରେ ଅଭିଯୋଗ କରିଥିଲେ। କଳିଙ୍ଗନଗର ପୋଲିସ ଏକ ମାମଲା (ନଂ.୧୫୦/୧୯) ବିଭିନ୍ନ ସ୍ଥାନରେ ଚଢାଉ କରି ଚୋରି ଟ୍ରକକୁ ଭୁବନ ଥାନା ଓଡିଶ ଗାଁ ନିକଟରୁ ଉଦ୍ଧାର କରିଥିବାବେଳେ ଡ୍ରାଇଭର ଗାଡି ଛାଡି ଫେରାର ହୋଇଯାଇଥିଲେ। ସେ ଗାଁକୁ ଆସିଥିବା ପୋଲିସ ଖବର ପାଇ ତାଙ୍କ ଘରେ ଚଢାଉ କରି ଗିରଫ କରିଥିଲା। ଶନିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ଚୋରି ବାଇକ ଉଦ୍ଧାର, ଅଭିଯୁକ୍ତ ଗିରଫ

**ଯାଜପୁର ଅଫିସ,୨୨।୨:** ଯାଜପୁର ଟାଉନ ପୋଲିସ ଶନିବାର ଏକ ବାଇକ ଚୋରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତଙ୍କ ନାମ ଧବଳେଶ୍ୱର ନାଥ(୩୪) ଓ ତାଙ୍କ ଘର ଭଣ୍ଡାରିପୋଖରି ଥାନା ମଣିନାଥପୁର ଗ୍ରାମର ବୋଲି ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ, ଗତ ୧୫ ତାରିଖରେ ଜିଲା ସଦର ଡାକ୍ତରଖାନା ପରିସରରୁ ଏକ ବାଇକ ଚୋରି ହୋଇଥିଲା। ଏନେଇ ଯାଜପୁର ଟାଉନ ପୋଲିସ ଆଇପିସି ଦଫା ୩୭୯ରେ ଏକ ମାମଲା (ନଂ.-୭୬/୧୯) ରୁଜୁ କରି ତଦନ୍ତ ଚଳାଇଥିଲା। ଅଭିଯୁକ୍ତଙ୍କଠାରୁ ଚୋରି ବାଇକ ଜବତ ହୋଇଥିବା ଜଣାପଡିଛି।

### ଧର୍ମଶାଳା ବ୍ଲକ: ଇଂଲିଶ ପରୀକ୍ଷାରେ ୪୫ ଅନୁପସ୍ଥିତ

**ଧର୍ମଶାଳା,୨୨।୨(ଡି.ଏନ୍.ଏ.):** ମାଧମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ବୁଧବାରଠାରୁ ଆରମ୍ଭ ହୋଇଛି। ଧର୍ମଶାଳା ବ୍ଲକରେ ୧୮ଟି ପରୀକ୍ଷା କେନ୍ଦ୍ରରେ ଶନିବାର ଇଂଲିଶି ପରୀକ୍ଷାରେ ୩୧୨୫ଜଣ ପରୀକ୍ଷା ଦେଇଥିବାବେଳେ ୪୫ଜଣ ଅନୁପସ୍ଥିତ ଅଛନ୍ତି। ମାତୃଭାଷା ପରୀକ୍ଷା ଦିନ ୪୨ଜଣ ଅନୁସ୍ଥିତ ଥିବାବେଳେ ଶନିବାର ୪୫ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ପରୀକ୍ଷା କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟଙ୍କ ସୂତ୍ରରୁ ସୂଚନା ମିଳିଛି। ପରୀକ୍ଷା ଶାନ୍ତି ଶୃଙ୍ଖଳାର ସହିତ ଶେଷ ହୋଇଥିବା ଜଣାପଡ଼ିଛି।

### ଗାଡ଼ି ଧକ୍କାରେ ବାଇକ ଆରୋହୀ ଗୁରୁତର

**ଧର୍ମଶାଳା,୨୨।୨(ଡି.ଏନ୍.ଏ.):** ଧର୍ମଶାଳା ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥ ଗୋକର୍ଣ୍ଣେଶ୍ୱରସ୍ଥିତ ବ୍ରାହ୍ମଣୀ ବ୍ରିଜ ନିକଟରେ ଶନିବାର ଏକ ଗାଡି ଧକ୍କାରେ ଜଣେ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ନୂଆଗାଁ ଗ୍ରାମର ଗୋପୀନାଥ ନାଥ (୫୫) ଶନିବାର ସକାଳେ ବାରବାଟୀ ହାଟକୁ ପରିବା ପାଇଁ ଯାଉଥିବାବେଳେ ବ୍ରାହ୍ମଣୀ ବ୍ରିଜ ନିକଟରେ ଏକ ଗାଡି ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଗୋପୀନାଥଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଗୁରୁତର ଆହତ ହୋଇଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# ପୁନଃ କିସମ ପରିବର୍ତ୍ତନ ପାଇଁ ନିର୍ଦ୍ଦେଶ

## ଗୋଚର ଜମିରେ କାହ୍ନୁଚରଣ କଲେଜ



■ ୩ ମାସ ମଧ୍ୟରେ ଜିଲାପାଳ ନେବେ ପଦକ୍ଷେପ

**ଯାଜପୁର ଅଫିସ,୨୨।୨**

କଲେଜଗୁଡ଼ିକର ଜମି ସମ୍ବନ୍ଧୀୟ ଅବସ୍ଥା ଜାଣିବାକୁ ସପ୍ତାହେ ପୂର୍ବରୁ ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ(ଆର୍‌ଡିଇ) ପକ୍ଷରୁ ତଥ୍ୟଦାଖଲ କରିବାକୁ ନିର୍ଦ୍ଦେଶ ହୋଇଥିଲା। ଏହି ତଥ୍ୟ ଭୁବନେଶ୍ୱର ଆରଡିଇ ଅଧୀନରେ ଗଢି ଉଠିଥିବା ସମସ୍ତ ଅନୁଦାନ ଓ ଅଣଅନୁଦାନପ୍ରାପ୍ତ କଲେଜଗୁଡ଼ିକର ଅଧକ୍ଷଙ୍କୁ ବିଧାନସଭା ପ୍ରଶ୍ନସଂଖ୍ୟା ୪୭୩ ଆଧାରରେ ନୋଟିସ ହୋଇଥିଲା। ତେବେ ବାରମ୍ବାର ଏନେଇ ନୋଟିସ ହୋଇଥିଲେ ହେଁ ପ୍ରାୟ କଲେଜଗୁଡ଼ିକରୁ ତଥ୍ୟ ଦାଖଲ ନ ହେବାରୁ ଆରଡିଓ ଭୁବନେଶ୍ୱର ପକ୍ଷରୁ କାରଣ ଦର୍ଶାଅ ନୋଟିସ ମଧ୍ୟ ଜାରି ହୋଇଥିଲା। ଯେଉଁ କଲେଜ କର୍ତ୍ତୃପକ୍ଷ ଏହି ତଥ୍ୟ ଦାଖଲ କରି ନ ଥିବେ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ତେବେ ଯାଜପୁର ଜିଲା କୋରେଇ କାହ୍ନୁଚରଣ କଲେଜରେ ଏଭଳି ଏକ ଜମି ବିବାଦୀୟ ତଥ୍ୟ ଜଣାପଡ଼ିଛି। ଏକ ଜନସ୍ୱାର୍ଥ ମାମଲାର ବିଚାର କରି ହାଇକୋର୍ଟ ୩ମାସ ମଧ୍ୟରେ ଗୋଚର ଜମିର କିସମ ପରିବର୍ତ୍ତନ(ଡି-ରିର୍ଜଭେସନ)କରିବାକୁ ଯାଜପୁର ଜିଲାପାଳଙ୍କୁ ନିର୍ଦ୍ଦେଶ ହୋଇଛି।

ଯାଜପୁର ଜିଲା କୋରେଇ ବ୍ଲକରେ ସ୍ଥାପିତ ହୋଇଥିବା କାହ୍ନୁଚରଣ ମହାବିଦ୍ୟାଳୟ ତରଫରୁ ଗୋଚର ଜମିରେ ମାଟି ପକାଇବାକୁ କେନ୍ଦ୍ରକରି କ୍ଷତିଗ୍ରସ୍ତ ଚାଷୀ ୨୦୧୬ରେ ଏକ ଜନସ୍ୱାର୍ଥ ମାମଲା (ଡବ୍ଲ୍ୟୁପି(ସି)ପିଆଇଏଲ ନଂ. ୩୨୫୮/୨୦୧୬ ଆଣ୍ଡ ମିସ କେସ ନଂ ୩୦୮୦/୨୦୧୬) ଦାୟର କରିଥିଲେ। ଏହାକୁ ହାଇକୋର୍ଟ ବିଚାରକୁ ନେଇ ଧନେଶ୍ୱର ମୌଜାର ରକ୍ଷିତ ଖାତା ନମ୍ବର ୫୬୦, ପ୍ଲଟ ନମ୍ବର ୧୧୦(ଏରିଆ ଏ୬.୩୬୦ଡି) ଓ ପ୍ଲଟ ନମ୍ବର ୧୩୫(ଏରିଆ ଏ୬.୮୭୦ଡି) ଉପରେ ପୂର୍ବାବସ୍ଥା ବଜାୟ ରଖିବା ସହିତ କୌଣସି ନିର୍ମାଣ ନ କରିବାକୁ ୨୦୧୬ ମାର୍ଚ୍ଚ ୧୮ ପର୍ଯ୍ୟନ୍ତ ରହିତାଦେଶ ଜାରି କରିଥିଲେ। ଏହାପରେ ଏହି ଜନସ୍ୱାର୍ଥ ମାମଲାର ଫଇସଲା କରିବାକୁ ଯାଇ ମାନ୍ୟବର ହାଇକୋର୍ଟଙ୍କ ପକ୍ଷରୁ ୩।୨।୨୦୨୦ତାରିଖରେ ଏକ ଆଦେଶନାମା ଜାରି ହୋଇଥିଲା।

ଉକ୍ତ ଆଦେଶ ନାମାରେ ମାନ୍ୟବର ହାଇକୋର୍ଟ ଯାଜପୁର ଜିଲାପାଳ ଓ ବ୍ୟାସନଗର ତହସିଲଦାରଙ୍କୁ ୩ମାସ ମଧ୍ୟରେ ନିୟମାବଳୀ ଅନୁଯାୟୀ ଗୋଚର ଜମିର ପୁନଃ କିସମ ପରିବର୍ତ୍ତନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, କାହ୍ନୁଚରଣ କଲେଜ ୧୯୮୭ରେ ପ୍ରତିଷ୍ଠା ହୋଇଥିଲା। ସରକାରଙ୍କ ନିୟମାନୁସାରେ ଗୋଚର ଜମିରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ ହୋଇପାରିବ ନାହିଁ ବୋଲି ନିୟମ ରହିଛି। କିନ୍ତୁ ଏଠାରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ କିପରି ଭାବେ ଗୋଚର ଜମିରେ ନିର୍ମାଣ ପାଇଁ ଅନୁମତି ଦେଲେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାବାଦ ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁସାରେ ସୁକିନ୍ଦା ତହସିଲଦାର(ବର୍ତ୍ତମାନ ବ୍ୟାସନଗର ତହସିଲ)୨୮।୧୧।୨୦୦୫ରେ ପତ୍ରସଂଖ୍ୟା. ୩୬୧୨ ମାଧ୍ୟମରେ କଲେଜର ସମ୍ପାଦକଙ୍କୁ ଜଣାଇଥିଲେ ଯେ, କାହ୍ନୁଚରଣ କଲେଜକୁ ଲିଜ୍ ସୂତ୍ରରେ ଜାଗା ଯୋଗାଇ ଦିଆଯାଇଛି। ଏହା ଓପିଏଲ୍‌ଇ ମକଦ୍ଦମା ସଂଖ୍ୟା ୯୦/୯୮-୯୯ ମାଧ୍ୟମରେ ମୌଜା ଧନେଶ୍ୱର ଖାତା ନଂ. ୫୬୦, ପ୍ଲଟ ନଂ. ୧୧୦, ୧୩୫ ଓ ପ୍ଲଟ ନଂ.୪୮୯(ଏରିଆ ଏ୦.୫୦ଡି)କୁ ମିଶାଇ ସମୁଦାୟ ଏ୧୦.୧୩ଡି କିସମ ଗୋଚର ଜମି ଯୋଗାଇ ଦିଆଗଲା। କିନ୍ତୁ ଏହି ଓପିଏଲ୍‌ଇ ମୋକଦ୍ଦମା ୯୦/୯୮-୯୯ ସମ୍ବନ୍ଧରେ ବ୍ୟାସନଗର ତହସିଲକୁ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମଗା ଯାଇଥିଲା। ବ୍ୟାସନଗର ତହସିଲ ଆରଟିଆଇ ୪୩/୪।୩।୨୦୧୬ ତାରିଖରେ ଦିଆଯାଇଥିବା ତଥ୍ୟରେ ଏହି ମୋକଦ୍ଦମା ସମ୍ବନ୍ଧରେ କୌଣସି କାଗଜପତ୍ର ତହସିଲ କାର୍ଯ୍ୟାଳୟରେ ଉପଲବ୍ଧ ନାହିଁ। ଏହି କଲେଜ ନିର୍ମିତ ହୋଇଥିବା ଜମିଟି ସରକାରଙ୍କ ରେକର୍ଡ ଅନୁସାରେ ଗୋଚର କିସମ ଅଟେ। ଏହି ଗୋଚର ଜବରଦଖଲକୁ ଅନୁକରଣ କରି ଧନେଶ୍ୱର ମୌଜାରେ ଦିନକୁଦିନ ସ୍ଥାନୀୟ ଲୋକମାନଙ୍କ ଗୋଚର ଜମି ଜବର ଦଖଲ ବଢିବାରେ ଲାଗିଛି ବୋଲି ତଥ୍ୟ ପ୍ରଦାନ କରାଯାଇଛି। ଏହି ମୌଜାର ୪୮୯, ୧୩୫, ୧୧୦ ଓ ୧୦ ନମ୍ବର ପ୍ଲଟ ଗୋଚର ଜମିଗୁଡ଼ିକୁ କେତେକ ପ୍ରଭାବଶାଳୀ ବ୍ୟକ୍ତି କବ୍‌ଜା କରି ନେଇଛନ୍ତି। ଏହାଦ୍ୱାରା ସରକାରଙ୍କ ରାଜସ୍ୱ ହାନୀ ସତ୍ତ୍ୱେ ବ୍ୟାସନଗର ତହସିଲ ପ୍ରସାଶନ ନିରବଦ୍ରଷ୍ଟା ସାଜିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି। ଏନେଇ ତହସିଲ୍‌ଦାଙ୍କ ସହ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା କୌଣସି ମତାମତ ମିଳିପାରି ନାହିଁ।

### ବାଇକ୍ ଦୁର୍ଘଟଣାଗ୍ରସ୍ତ, ଶଳା, ଭିଣୋଇ ଗୁରୁତର

**ରସୁଲପୁର,୨୨।୨(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥର ବିଲିପଡା ଛକ ନିକଟରେ ଶନିବାର ଅପରାହ୍ନରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଉକ୍ତ ଦୁର୍ଘଟଣାରେ ବାଇକରେ ଯାଉଥିବା ଶଳାଭିଣୋଇ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଆହତଙ୍କୁ ଧର୍ମଶାଳା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା କରାଯିବା ପରେ କଟକ ବଡ ଡାକ୍ତରଖାନକୁ ସ୍ଥାନାନ୍ତର କରାଯାଇଛି। ପ୍ରକାଶ ଯେ, ଭଦ୍ରକ ଜିଲା ତିହିଡି ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ପାଢ଼ୀ ଓ ଭିଣୋଇ ସୁରେନ୍ଦ୍ର ପାଣିଗ୍ରାହୀ ଏକ ହିରୋହୋଣ୍ଡା ବାଇକ୍‌ରେ ଭୁବନେଶ୍ୱରରୁ ଭଦ୍ରକ ଅଭିମୁଖେ ଯାତ୍ରା କରୁଥିଲେ। କୁଆଖିଆ ଥାନା ଅନ୍ତର୍ଗତ ଏହି ଦୁର୍ଘଟଣାସ୍ଥଳରେ ବାଇକ୍ ଚାଳକ ଭାରସାମ୍ୟ ହରାଇ ଡିଭାଇଡରରେ ପିଟି ହୋଇଯାଇଥିଲେ। ଘଟଣା ସ୍ଥଳରେ ଉଭୟ ବାଇକ ଆରୋହୀ ଦ୍ୱୟ ଗୁରୁତର ହୋଇପଡିଥିଲେ। ଏ ସମ୍ପର୍କରେ ଖବରପାଇ ରସୁଲପୁର ଦମକଳ ବାହିନୀ ଘଟଣାସ୍ଥଳରେ ପହଁଚି ଉଭୟଙ୍କୁ ଉଦ୍ଧାରକରି ସ୍ଥାନୀୟ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଯାଇଥିଲେ।

## କେଡିଏମ୍ ଧର୍ମଶାଳା ବିଜୟୀ

**ଧର୍ମଶାଳା,୨୨।୨(ଡି.ଏନ୍.ଏ.)**

### ଆନ୍ତଃ ସିନିୟର କ୍ଲବ କ୍ରିକେଟ ଟୁର୍ନାମେଣ୍ଟ

ଓଡ଼ିଶା କ୍ରିକେଟ ଆସୋସିଏଶନ ଓ ଯାଜପୁର ଜିଲା କ୍ରିକେଟ ଆସୋସିଏଶନ ଅନୁକୁଲ୍ୟରେ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମରେ ଚାଲିଥିବା ୨୩ବର୍ଷରୁ କମ୍ ପୁରୁଷ କ୍ରିକେଟ ଟୁର୍ନାମେଣ୍ଟରେ ଶନିବାର ସତାର କ୍ଲବ ସୁକିନ୍ଦାକୁ ୮୮ରନ୍‌ରେ ପରାସ୍ତ କରି କେଡିଏମ୍ ଧର୍ମଶାଳା ବିଜୟୀ ହୋଇଛି। ଟସ୍ ଜିତି କେଡିଏମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୪୫ ଓଭରରେ ୮ ଉଇକେଟ ହରାଇ ୩୧୬ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରୁପକ କୁମାର ପାଣ୍ଡେ ୭୨ ଓ ସତ୍ୟ ସାଗର ମହାନ୍ତି ୫୭ ରନ କରିଥିଲେ। ବିପକ୍ଷ ଦଳର ସେକ୍ ମୁସିଦ ୩ଟି ଓ ସେକ୍ ଶାହାନବାଜ ୨ଟି ୱିକେଟ ନେଇଥିଲେ। ଜବାବରେ ସତାର କ୍ଲବ ବ୍ୟାଟିଂ କରି ୪୫ ଓଭରରେ ୮ ଉଇକେଟ ହରାଇ ୨୨୮ ରନ କରି ପରାସ୍ତ ହୋଇଥିଲା। ଦଳ ପକ୍ଷରୁ ମିହିର ଆବୁବକ୍କ ୫୪ ଓ ସେକ ମୁରସିଦ ୫୨ରନ କରିଥିଲେ। ବିପକ୍ଷ କେଡିଏମ୍ ପକ୍ଷରୁ ସନ୍ତୋଷ ସର ଓ ସୌଭାଗ୍ୟ ରଞ୍ଜନ ମୁଦୁଲି ୨ଟି ଲେଖାଏ ୱିକେଟ ନେଇଥିଲେ। ଆଜିର ଏହି ମ୍ୟାଚକୁ ଦିଲୀପ ସାମଲ ଓ ରମେଶ ପରିଡ଼ା ପରିଚାଳନା କରିଥିବାବେଳେ ଜିତେନ୍ଦ୍ର ସେନାପତି ସ୍କୋରରେ ସହାୟତା କରିଥିଲେ। ଆସନ୍ତାକାଲି ଏମ୍‌ସିସି ଯାଜପୁର ଓ ବିସିସି ପାଣିକୋଇଲି ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଜିଲା କ୍ରିକେଟ ସମ୍ପାଦକ ଜ୍ଞାନଚାନ୍ଦ ଦାଶ ସୂଚନା ଦେଇଛନ୍ତି।

## ଜଳଧର ଧର୍ମଶାଳା ବ୍ଲକ ବିଜେଡି ସଭାପତି ନିର୍ବାଚିତ

**ଧର୍ମଶାଳା,୨୨।୨(ଡିଏନ୍ଏ)**



ଧର୍ମଶାଳା ବ୍ଲକ ବିଜେଡି ସଭାପତି ଭାବେ ଜଳଧର ମହାନ୍ତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଶୁକ୍ରବାର ସ୍ଥାନୀୟ ବିଜେଡି କାର୍ଯ୍ୟାଳୟରେ ବ୍ଲକ ବିଜେଡି ସଭାପତି ପଦବୀ ପାଇଁ ମହାନ୍ତି ଏକମାତ୍ର ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଅପରାହ୍ନରେ ନିର୍ବାଚନ ଅଧିକାରୀ ନିର୍ମଳ ପ୍ରଧାନ ଜିଲା ସଭାପତିଙ୍କୁ ନିର୍ବାଚନ ଫଳାଫଳ ରିପୋର୍ଟ ପ୍ରଦାନ କରିଥିଲେ। ଏହି କ୍ରମରେ ଜିଲା ସଭାପତି ସରୋଜ କୁମାର ମହାପାତ୍ର ରାଜ୍ୟ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ମହାନ୍ତିଙ୍କ ନାମ ବ୍ଲକ ବିଜେଡି ସଭାପତି ଭାବେ ଘୋଷଣା କରିଛନ୍ତି। ପ୍ରକାଶ ଯେ ଜଳଧର ମହାନ୍ତି ପୂର୍ବରୁ ଚୋରମୁହାଁ ସରପଞ୍ଚ, ସୁନ୍ଦରିଆ ପଞ୍ଚାୟତ ସମିତି ସଭ୍ୟ, ବ୍ଲକ ଉପାଧ୍ୟକ୍ଷ ଥିଲେ। ସମ୍ପ୍ରତି ରେଖିଦେଇପୁର ପଞ୍ଚାୟତ ସମିତିସଭ୍ୟ ଅଛନ୍ତି। ବ୍ଲକ ସଭାପତି ଭାବେ ନିର୍ବାଚିତ ହେବାପରେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ଓ ଜିଲା ସଭାପତିସରୋଜ ମହାପାତ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଗୋ-ପାଳନ ତାଲିମ ଶିବିର ଉଦ୍‌ଯାପିତ

**ରସୁଲପୁର,୨୨।୨(ଡିଏନଏ)**

ରସୁଲପୁର ବ୍ଲକ ପ୍ରାଣୀ ସମ୍ପଦ ବିଭାଗ ଆନୁକୂଲ୍ୟରେ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ଆନୁକୂଲ୍ୟରେ ଅନୁଷ୍ଠିତ ଗୋପାଳନ ସମ୍ପର୍କିତ ୫ଦିନିଆ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଶେଷ ଦିବସରେ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ଅଗ୍ରଣୀ ଗା-ଚାଷୀଙ୍କୁ ନେଇ ପଡୋଶୀ କେନ୍ଦୁଝର ଜିଲା ଆନନ୍ଦପୁର ଦରଡିପାଳସ୍ଥିତ ଜୟନ୍ତ ବାରିକ ଡାଇରୀ ଫାର୍ମ ବୁଲି ଦେଖିଥିଲେ। ସେଠାରେ ଚାଷୀମାନେ ଦୁଗ୍ଧ ଉତ୍ପାଦନ ସାମଗ୍ରୀ ସଂଗ୍ରହ ଉପରେ ଅବଗତ ହୋଇଥିଲେ। ଗୋ-ଖାଦ୍ୟ ଅମଳ ପାଇଁ କରାଯାଇଥିବା ଘାସଚାଷ କ୍ଷେତକୁ ବୁଲି ଦେଖିଥିଲେ। ଏଥିସହ ଶିବିରାର୍ଥୀଙ୍କ ମଧ୍ୟରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଉକ୍ତ ପରୀକ୍ଷାରେ ଅଗ୍ରଣୀ ଗୋ-ପାଳକ ସୁବାସ ମିଶ୍ର ପ୍ରଥମ, ଶତ୍ରୁଘନ ବେହେରା ଦ୍ୱିତୀୟ, ଅନ୍ନପୂର୍ଣ୍ଣା ସିଂ ଓ ବିଭୂତି କାପ ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଏଥିସହ ଅନ୍ୟ ସମସ୍ତ ଶିବିରାର୍ଥୀଙ୍କୁ ବିଭାଗ ପକ୍ଷରୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଚାଷୀ ସମ୍ବର୍ଦ୍ଧନା ଉତ୍ସବରେ ବ୍ଲକ ପ୍ରାଣୀ ସହକାରୀ ଚିକିତ୍ସା ଅଧିକାରୀ ରଞ୍ଜନ କୁମାର ସେଠୀ ଅତିଥି ଭାବେ ଯୋଗଦେଇ ଚାଷୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଓଡ଼ିଶାରେ ବୌଦ୍ଧଧର୍ମ ସମ୍ପର୍କିତ ପାଠଚକ୍ର




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

**ରସୁଲପୁର,୨୨।୨(ଡି.ଏନ୍.ଏ.)**

### ଇତିହାସ ବିଭାଗ ପକ୍ଷରୁ ଆଲୋଚନାଚକ୍ର

ବୌଦ୍ଧଧର୍ମ ବାଣୀ ଇତିହାସକୁ ବଳିଷ୍ଠ ଅବଦାନ ରହିଛି। ଏହି ଧର୍ମ ସମଗ୍ର ବିଶ୍ୱରେ ଶାନ୍ତିର ବାର୍ତ୍ତା ପ୍ରଚାର କରିବାରେ ସକ୍ଷମ ହୋଇପାରିଛି। ବୁଦ୍ଧଦେବ ଓଡ଼ିଶା ମାଟିକୁ ତାଙ୍କର ଧର୍ମ ପ୍ରତିଷ୍ଠା ଓ ସାଧନା ପାଇଁ ଉପଯୁକ୍ତ ସ୍ଥାନ ବୋଲି ମନେ କରୁଥିଲେ। ଏହାର ଜ୍ୱଳନ୍ତ ପ୍ରମାଣ ଯାଜପୁର ଜିଲାର ବିଭିନ୍ନ ପାହାଡ଼ ଖନନ ସମୟରେ ବୌଦ୍ଧ କିର୍ତ୍ତୀରାଜି ଆବିର୍ଭାବ ହେବାରୁ ତାହା ସ୍ପଷ୍ଟ ହୋଇଯାଇଛି। ଗୌତମ ବୁଦ୍ଧଙ୍କ ବାଣୀ ଓ ତାଙ୍କ ଚିନ୍ତାଧାରା ଉପରେ ଆଧାରିତ ଶିଳାଲିପିଗୁଡ଼ିକୁ ସଂରକ୍ଷିତ ରଖିବା ଦିଗରେ ରାଜ୍ୟ ସଂସ୍କୃତି ବିଭାଗପକ୍ଷରୁ ପ୍ରଚେଷ୍ଟା ଜାରି ରହିଛି। ଏଥିରୁ ଓଡ଼ିଶାର ବୌଦ୍ଧଧର୍ମର ଗୁରୁତ୍ୱ ସମ୍ପର୍କରେ ସ୍ପଷ୍ଟ ସୂଚନା ଦେଉଛି ବୋଲି ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ଡିଗ୍ରୀ କଲେଜର ଇତିହାସ ବିଭାଗ ପକ୍ଷରୁ ଶନିବାର ଆୟୋଜିତ ଓଡ଼ିଶାରେ ବୌଦ୍ଧଧର୍ମ ସମ୍ପର୍କିତ ପାଠଚକ୍ରରେ ଯୋଗଦେଇଥିବା ବକ୍ତାମାନେ ମତ ରଖିଛନ୍ତି। ବିଭାଗୀୟ ମୁଖ୍ୟ ଅଧ୍ୟାପକ ଅମୁଲ୍ୟ କୁମାର ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପାଠଚକ୍ରକୁ ଡିଗ୍ରୀ କଲେଜର ଅଧ୍ୟକ୍ଷ ମହେଶ୍ୱର ପାଢୀ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବରେ ପୂର୍ବତନ ଅଧକ୍ଷ ଶିକ୍ଷାବିତ୍ ବେଣୁଧର ଶରଣ, ଉପେନ୍ଦ୍ର ଶାରଦା ମହାବିଦ୍ୟାଳୟର ଇତିହାସ ବିଭାଗ ଅଧ୍ୟାପକ ଶିଦ୍ଧାର୍ଥ ଶଙ୍କର ରଥ, ସମ୍ମାନିତ ଅତିଥି ଭାବେ ପୂର୍ବତନ ରସୁଲପୁର ବ୍ଲକ ଅଧ୍ୟକ୍ଷ ଡାକ୍ତର ରୁଦ୍ରନାରାୟଣ ପୃଷ୍ଟି, ଯୁକ୍ତ ୨କଲେଜର ଅଧ୍ୟକ୍ଷ କିଶୋର ଚନ୍ଦ୍ର ଜେନା, ପୂର୍ବତନ ଅଧ୍ୟକ୍ଷ ନୃସିଂହ ଚରଣ ନାୟକ, ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁ, ସୌଭାଗ୍ୟ କୁମାର ସାହୁ, ସଞ୍ଜୟ କୁମାର ପ୍ରଧାନ, ଶିବ ପ୍ରସାଦ ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଛାତ୍ରୀ ଦିପ୍ତିମୟୀ ମହାଳିକ, ପ୍ରିୟଙ୍କା ମଳିକ, ସୁନିତା ପତି ପ୍ରମୁଖ ଭିତ୍ତି ପ୍ରବନ୍ଧ ପାଠ କରିଥିଲେ।

## ବାଇକ୍ ଦୁର୍ଘଟଣାଗ୍ରସ୍ତ, ଜଣେ ମୃତ

**ରସୁଲପୁର/ଧର୍ମଶାଳା, ୨୨।୨(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଅନ୍ତର୍ଗତ କୋଟପୁର ଫାଣ୍ଡି ନିକଟସ୍ଥ ଭଗବାନପୁର ପୋଲ ନିକଟସ୍ଥ ଏକ ହମ୍ପସରେ ପିଟି ହୋଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଆଉ ଜଣେ ଯୁବକଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ମିଳିଥିବା ସୂଚନା ଅନୁସାରେ ଶନିବାର ରାତିରେ ବଡ଼ଚଣା ବ୍ଲକ ଅନ୍ତର୍ଗତ ମଝିପଡ଼ା ପଞ୍ଚାୟତ ବନମାଳୀପୁର ଗ୍ରାମର ଗଗନ ବିହାରୀ ଦାସଙ୍କ ପୁଅ ମନୋଜ କୁମାର ଦାସ(୨୮) ଓ ସେହି ଗ୍ରାମର ବିଚିତ୍ରା ନନ୍ଦ ରାୟଙ୍କ ପୁଅ ଦେବାଶିଷ(୨୪) ଭୋଜି ଖାଇବାକୁ ଆସି ଘରକୁ ଫେରୁଥିଲେ। ବାଟରେ ଭଗବାନପୁର ପୋଲ ଅତିକ୍ରମ କରିବାପରେ ଥିବା ହମ୍ପସ୍‌ରେ ପଟି ହୋଇ ବାଇକ୍ ଆରୋହୀଦ୍ୱୟ ରାସ୍ତା ଉପରେ ଛିଟିକି ପଡିଥିଲେ। ଘଟଣାସ୍ଥଳରେ ମନୋଜଙ୍କ ମୃତ୍ୟୁ ଘଟିଥିବା ବେଳେ ଦେବାଶିଷ ଗୁରୁତର ଆହତ ହୋଇଥିଲେ। ଆହତଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ମୃତ ମନୋଜଙ୍କ ଶବକୁ ପୋଲିସ ଜବତ କରି ଧର୍ମଶାଳା ଡାକ୍ତରଖାନାରେ ରଖିଛି। ରବିବାର ସକାଳୁ ବ୍ୟବଛେଦ ପାଇଁ ବଡଚଣା ଡାକ୍ତରଖାନାକୁ ପଠାଯିବ ବୋଲି ପୋଲିସ କହିଛି।

## ମୋବାଇଲ ପାଇ ଫେରାଇଲେ ଖବରଦାତା



ମୋବାଇଲ ଫେରାଉଛନ୍ତି ଖବରଦାତା କିଶୋର।

**ଧର୍ମଶାଳା,୨୨।୨(ଡି.ଏନ୍.ଏ.)**

୧୬ ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ପଡ଼ିଥିବା ଏକ ସ୍ମାର୍ଟ ମୋବାଇଲ ଫୋନ ପାଇ ଫେରାଇଛନ୍ତି ଜଣେ ଖବରଦାତା। ମିଳିଥିବା ସୂଚନା ଅନୁସାରେ ୪ଦିନ ତଳେ ରାମ୍‌କୋ ସିମେଣ୍ଟ କମ୍ପାନୀର ଜଣେ କର୍ମଚାରୀ ଆଶିଷ ଗୋଏଲ ଅଫିସ କାର୍ଯ୍ୟ ସାରି ଘରକୁ ବାଇକ ଯୋଗେ ଆସୁଥିବାବେଳେ ଭାରସାମ୍ୟ ହରାଇ ତଳେ ପଡ଼ିଯାଇଥିଲେ। ଏହି ସମୟରେ ତାଙ୍କ ସାର୍ଟର ଉପର ପକେଟରେ ଥିବା ମୋବାଇଲଟି ଛିଟିକି ରାସ୍ତାକଡ଼ରେ ଥିବା ଘାସରେ ପଡିଥିଲା। ସେ ଖୋଜାଖୋଜି କରି ନ ପାଇ ଜାରକା ବିଟ ହାଉସରେ ଏକ ଏତଲା କରିଥିଲେ। ଶନିବାର ସକାଳେ ସେହି ରାସ୍ତା ଦେଇ ଜାରକା ପଞ୍ଚାୟତ ଦୁବଗାଡ଼ିଆ ଗ୍ରାମର ଖବରଦାତା କିଶୋର ଚନ୍ଦ୍ର ରାଉତ ଆସୁଥିବା ବେଳେ ତାଙ୍କ ଦୃଷ୍ଟିରେ ମୋବାଇଲଟି ପଡ଼ିଥିଲା। ସେ ମୋବାଇଲଟିକୁ ଆଣି ଦେଖିବାବେଳକୁ ତାହା ବନ୍ଦଥିଲା। ମୋବାଇଲଟି ଖୋଲି ସେଥିରୁ ରାମକୋ ସିମେଣ୍ଟ କାରଖାନାର କିଛି ନମ୍ବର ପାଇଥିଲେ। ପରେ ଉକ୍ତ ନମ୍ବର ସହ ଯୋଗାଯୋଗ କରି କିଶୋର ମୋବାଇଲଟିକୁ ଆଶିଷଙ୍କୁ ହସ୍ତାନ୍ତର କରିଥିଲେ।

## ପରୀକ୍ଷା କେନ୍ଦ୍ରରେ ସ୍ୱତନ୍ତ୍ର ସୁବିଧାରୁ ବଞ୍ଚିତ ଦିବ୍ୟାଙ୍ଗ ଛାତ୍ର

**ରସୁଲପୁର,୨୨।୨(ଡି.ଏନ୍.ଏ.)**



ଅକ୍ଷମ ନୁହେଁ ସେ ସକ୍ଷମ। ସେ ବି ଅନ୍ୟପିଲାଙ୍କ ଭଳି ଭଲ ପଢିବେ, ଆଉ ଆଗକୁ ବଢିବେ। ଅନ୍ୟମାନଙ୍କ ସହ ସମକ୍ଷକ ହୋଇ ନିଜକୁ ପ୍ରମାଣିତ କରିବାର ଲକ୍ଷ୍ୟ ରଖିଛନ୍ତି ଦଶମ ଶ୍ରେଣୀର ଦିବ୍ୟାଙ୍ଗ ଛାତ୍ର ଅବିନାଶ ମଲିକ। ଅନ୍ୟପିଲାମାନଙ୍କ ଭଳି ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଉଚ୍ଚଶିକ୍ଷିତ ହେବାକୁ ସ୍ୱପ୍ନ ଦେଖୁଥିବା ଜଣେ ଦିବ୍ୟାଙ୍ଗ ଛାତ୍ରଙ୍କୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଅଣଦେଖା କରିଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ଦାସଙ୍କ ଅବହେଳା ଯୋଗୁ ଦିବ୍ୟାଙ୍ଗ ଛାତ୍ର ବିଶେଷ ସୁବିଧା ସୁଯୋଗରୁ ବଞ୍ଚିତ ହୋଇଛନ୍ତି। ବିଦ୍ୟାଳୟ ପକ୍ଷରୁ ତାଙ୍କର ଦିବ୍ୟାଙ୍ଗ ପ୍ରମାଣପତ୍ର ପଠାଯାଇ ନ ଥିବାରୁ ତାଙ୍କ ପାଇଁ ପରୀକ୍ଷା କେନ୍ଦ୍ରରେ ରହିଥିବା ସ୍ୱତନ୍ତ୍ର ସୁବିଧା ସେ ପାଇପାରୁ ନାହାନ୍ତି। ଏଭଳି ଘଟଣା ରସୁଲପୁର ବ୍ଲକ ଅନ୍ତର୍ଗତ ବନ୍ଧଡିହ ସରକାରୀ ଉଚ୍ଚ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ଦିବ୍ୟାଙ୍ଗ ଛାତ୍ର ଅବିନାଶ ଚଳିତ ମାଟ୍ରିକ ପରୀକ୍ଷା ବ୍ରହ୍ମବରଦା ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ପରୀକ୍ଷା ଦେଉଛନ୍ତି। ତାଙ୍କର ଶାରିରୀକ ଅକ୍ଷମତା ଯୋଗୁ ସେ ଭଲଭାବରେ ଲେଖି ପାରୁନାହାନ୍ତି। ଲେଖିବା ବେଳକୁ ହାତ ଥରୁଛି ବୋଲି ଅବିନାଶ କହୁଛନ୍ତି। ମାତ୍ର ତାଙ୍କୁ କୌଣସି ଅଲଗା ସୁବିଧା ମିଳୁନାହିଁ। ପ୍ରମାଣପତ୍ର ଆଣି ଆସିବା ପାଇଁ ପରୀକ୍ଷା ସୁପରିଣ୍ଟେଣ୍ଡେଣ୍ଟ ପ୍ରଥମ ପରୀକ୍ଷା ମାତୃଭାଷା ବିଷୟରୁ କହିଛନ୍ତି। ଏହାଭିତରେ ଶନିବାର ଇଂରାଜୀ ପରୀକ୍ଷା ସରିଯାଇଛି। ହେଲେ ଦିବ୍ୟାଙ୍ଗ ଛାତ୍ରଙ୍କ ପ୍ରମାଣପତ୍ର ବିଦ୍ୟାଳୟରୁ ଆସି ପରୀକ୍ଷା କେନ୍ଦ୍ରରେ ପହଁଚି ପାରିଲା ନାହିଁ। ଏଭଳି ଘଟଣା ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ଦାୟିତ୍ୱହୀନତା ଯୋଗୁ ଘଟିଛି ବୋଲି ଅବିନାଶଙ୍କ ପିତା ଅଶୋକ ମଲିକ ଅଭିଯୋଗ କରିଛନ୍ତି। ତାଙ୍କର କହିବା କଥା ହେଲା ବିଦ୍ୟାଳୟ ପକ୍ଷରୁ ତାଙ୍କ ପୁଅ ପାଇଁ କୌଣସି ସୁବିଧା ସୁଯୋଗ ପ୍ରଦାନ ଦିଗରେ ଗୁରୁତ୍ୱ ପ୍ରଦାନ କରାଯାଉ ନ ଥିବାରୁ ସେ ସରକାରୀ ସୁବିଧା ବାଣିଶ୍ରୀ, ଭତ୍ତା କିମ୍ବା ଦିବ୍ୟାଙ୍ଗ ବୃତ୍ତି ଆଦି ପାଇବାରୁ ବଞ୍ଚିତ ହୋଇଛନ୍ତି। ଦିବ୍ୟାଙ୍ଗଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ସରକାର ବହୁ ଯୋଜନାମାନ କରୁଛନ୍ତି। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ବହୁ ଅନୁଷ୍ଠାନ ମଧ୍ୟ କାର୍ଯ୍ୟ କରୁଛନ୍ତି। ତେବେ ଏକ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୦ବର୍ଷ ଧରି ଶିକ୍ଷିତ ସମାଜ ମଧ୍ୟରେ ପାଢପଢି ଦିନର ଅଧିକାଂଶ ସମୟ କାଟୁଥିବା ଏହି ଦିବ୍ୟାଙ୍ଗ ଛାତ୍ର ସରାକରୀ ସୁବିଧା ସୁଯୋଗର ବଂଚିତ ହେବାଠାରୁ ଆଉ ବଡ ବିଡମ୍ବନା କଣ ଥାଇପାରେ ବୋଲି ସାଧାରଣରେ କୁହାଯାଉଛି। ଏ ସଂପର୍କରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରବୀନ୍ଦ୍ରଙ୍କୁ ପଚାରିବାରୁ ଛାତ୍ର ଅବିନାଶଙ୍କ ଦିବ୍ୟାଙ୍ଗ ପ୍ରମାଣପତ୍ର ଅଛି, ହେଲେ କିଛି ସରକାରୀ ସହାୟତା ପାଉ ନାହାନ୍ତି। ତେବେ ତାଙ୍କ ପ୍ରମାଣପତ୍ର ପରୀକ୍ଷା କେନ୍ଦ୍ରକୁ ପଠାଇବାକୁ ଭୁଲି ଯାଇଛନ୍ତି ବୋଲି ରବୀନ୍ଦ୍ର ପ୍ରକାଶ କରିଛନ୍ତି।



ଅନ୍ୟଠାରୁ ନିଜକୁ ଉଚ୍ଚ ବୋଲି ମଣିବା ହେଉଛି ଭଗବାନଙ୍କ ପ୍ରତି ଦ୍ରୋହ ଆଚରଣ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ଜିଲାପାଳଙ୍କ କାର୍ଯ୍ୟାଳୟରୁ ଗୋଖର ସାପ ଉଦ୍ଧାର

**ଯାଜପୁର ଟାଉନ,୨୨।୨(ଡିଏନଏ):** ଯାଜପୁର ଜିଲାପାଳ କାର୍ଯ୍ୟାଳୟରୁ ଶନିବାର ଏକ ଗୋଖର ସାପ ଉଦ୍ଧାର କରାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟରେ ଥିବା ୨ନଂ ଲିଫ୍ଟରେ ଏହି ସାପଟି ରହିଯାଇଥିଲା। ୪ର୍ଥ ଶନିବାର ଛୁଟିଦିନ ଥିବାରୁ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜନଗହଳି ନ ଥିଲା। ଦିନ ୧୨ଟା ସମୟରେ ଜଣେ କର୍ମଚାରୀ ଉପର ତାଲାକୁ ଯିବାପାଇଁ ୨ନଂ ଲିଫ୍ଟ ଖୋଲିବାବେଳେ ବିଷାକ୍ତ ସାପଟି ଫଣା ଟେକିଥିଲା। କର୍ମଚାରୀ ଜଣକ ସଙ୍ଗେସଙ୍ଗେ ଲିଫ୍ଟ ଗେଟ୍ ବନ୍ଦ କରି ସ୍ନେକ୍ ହେଲ୍ପଲାଇନକୁ ଫୋନ୍ କରି ସାପଟିକୁ ଉଦ୍ଧାର କରିଥିଲେ।

### ଗୋଷ୍ଠୀସଂଘର୍ଷ: ୬ ଆହତ, ୨ ଗୁରୁତର

**ଯାଜପୁର ଅଫିସ,୨୨।୨:** ଦଶରଥପୁର ବ୍ଲକ ଗରଡିହ ଗ୍ରାମରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ଉଭୟ ପକ୍ଷର ୬ ଜଣ ଆହତ ହୋଇଥିବାବେଳେ ୨ଜଣ ଗୁରୁତର ହୋଇଥିବା ଜଣାଯାଇଛି। ଗୁରୁତରମାନେ ହେଲେ ଅଭୟ ଯେନା ଓ ବସନ୍ତ ଯେନା। ଦୁହିଁଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଉକ୍ତ ଗ୍ରାମର ଉମାମଣି ଯେନା ନାମକ ବୃଦ୍ଧା ଦେଇଥିବା ଅଭିଯୋଗ ଅନୁଯାୟୀ, ତାଙ୍କ ପୁଅ ଶେଷ ଓ ବସନ୍ତ ଯେନା ସାହିର ବାବୁ ଯେନାଙ୍କୁ ବାକି ଟଙ୍କା ମାଗିବାକୁ ଯାଇଥିଲେ। ଏହି ସମୟରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ବାବୁ ଯେନାଙ୍କ ସହ ତାଙ୍କ ପରିବାର ଲୋକ ଉମାମଣିଙ୍କ ଦୁଇ ପୁଅ ଓ ସ୍ୱାମୀ ଗଜେନ୍ଦ୍ରଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ଉଭୟ ପକ୍ଷ ଗୁରୁତର ହୋଇ ଥାନାକୁ ଏତଲା ଦେବାକୁ ଯାଇଥିବାବେଳେ ଥାନା ଏସ୍‌ଆଇ ହରିଶ୍ ସିଂ ଉଭୟ ପକ୍ଷଙ୍କୁ ଚିକିତ୍ସା ନିମନ୍ତେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରୁ ଉଭୟ ଗୋଷ୍ଠୀର ବସନ୍ତ ଓ ଅଭୟଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି। ଅପର ଗୋଷ୍ଠୀରୁ ଖବର ଲେଖାଯିବା ପର୍ଯ୍ୟନ୍ତ ଏତଲା ଦିଆଯାଇ ନ ଥିବାବେଳେ ଉକ୍ତ ପକ୍ଷର ବାବୁ ଏବଂ କେଦାର ଆହତ ହୋଇଥିବା ଜଣାଯାଇଛି।

### ଦୁର୍ଘଟଣାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

**ସିଂହପୁର,୨୨।୨(ଡିଏନଏ):** ବିଞ୍ଝାରପୁର ଥାନା ଅନ୍ତର୍ଗତ ସିଂହପୁର ଗ୍ରାମର ଦଣ୍ଡାମଠ ନିକଟରେ ଏକ ଦୁର୍ଘଟଣା ଘଟି ବାଇକ୍ ଆରୋହୀଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ସିଂହପୁର ଗ୍ରାମର ବିଜୟ ଧଳ (୫୨) ବୋଲି ଜଣାପଡ଼ିଛି। ପ୍ରକାଶ ଯେ, ଦଣ୍ଡାମଠ ନିକଟରେ ଏକ ଅଟୋ ଛିଡ଼ା ହୋଇଥିବାବେଳେ ବାଇକ୍‌ରେ ଯାଉଥିବା ବିଜୟ ଭାରସାମ୍ୟ ହରାଇ ଉକ୍ତ ଅଟୋକୁ ଧକ୍କା ଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଯାଜପୁର ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର କଟକ ନେବାବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଜେନେରେଟରରେ ଚାଲିଛି ହାଇଟେକ ଥାନା

**କଳିଙ୍ଗନଗର,୨୨।୨(ଡି.ଏନ.ଏ)**

କଳିଙ୍ଗନଗର ଶିଳ୍ପାଞ୍ଚଳରେ ୧୦ବର୍ଷ ତଳେ ୨ଏକର ଜମିରେ ନିର୍ମିତ ହୋଇଥିଲା ଏକ ହାଇଟେକ ଥାନା। ୬୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ଏହି ଥାନା ଯାଜପୁର ଜିଲାର ଏକମାତ୍ର ହାଇଟେକ ଥାନା ହୋଇଥିବାବେଳେ ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଏହି ଥାନାରେ ସେତେବେଳେ ଜଣେ ଇନ୍ସପେକ୍ଟର, ୬ଜଣ ସବଇନ୍ସପେକ୍ଟର, ୨ଜଣ ଏଏସ୍‌ଆଇ, ଜଣେ ହାବିଲଦାର ଓ ୯ଜଣ କନଷ୍ଟେବଳ କାର୍ଯ୍ୟ କରିବା ସହିତ ଏଠାରେ ୨ଜଣ ସେକ୍ସନ ଫୋର୍ସ ରହିବାର ପ୍ରସ୍ତାବ ରହିଥିଲା। ଶିଳ୍ପାଞ୍ଚଳର ୫ଟି କାରଖାନା ସମେତ ପ୍ରାୟ ୧୫ଟି ଗାଁର ଆଇନ୍ ଶୃଙ୍ଖଳା ରକ୍ଷା କରିବା ପାଇଁ ଏଠାରେ ଥାନା ସ୍ଥାପନ କରାଯାଇଥିଲା। ମାତ୍ର ବିଭାଗୀୟ ଅଣଦେଖା ପାଇଁ ହାଇଟେକ ଥାନା ଏବେ ଗୁରୁତ୍ୱ ହରାଇଛି। ଥାନାକୁ ଯାତାୟାତ ପାଇଁ କୌଣସି ସ୍ଥାୟୀ ରାସ୍ତା ନ ଥିବାବେଳେ ଥାନା ସମ୍ମୁଖରେ ରେଳଲାଇନ ଯାଇଥିବାରୁ ଥାନା ଏକ ପ୍ରକାର ବନ୍ଦୀ ହୋଇ ରହିଛି। ପଛ ପାଖରେ ନୂତନଭାବେ ଏକ କମନ କରିଡର ନିର୍ମାଣ ହୋଇଛି, ମାତ୍ର ଏହା ସହିତ ଥାନା ରାସ୍ତା ସଂଯୋଗ ହୋଇନାହିଁ। ସମ୍ମୁଖରେ ମୁଖ୍ୟରାସ୍ତା ଥିବାବେଳେ ଏକ କି.ମି. ବୁଲାଣି ରାସ୍ତାରେ ଥାନା ଗାଡ଼ି ଯାତାୟାତ କରୁଛି। କେବଳ ସେତିକି ନୁହେଁ, ଗତ ୧୦ମାସ ହେଲା ଥାନା ଅନ୍ଧାରରେ ରହିଛି। ଆରମ୍ଭରୁ ଥାନାର ନିଜସ୍ୱ ବିଦ୍ୟୁତ ସଂଯୋଗ ବ୍ୟବସ୍ଥା ହୋଇ ନ ଥିବାବେଳେ ଥାନା ସଂଲଗ୍ନ ମୈଥାନ ଇସ୍ପାତ କାରଖାନାରୁ ଆବଶ୍ୟକ ବିଜୁଳି ଯୋଗାଇ ଦିଆଯାଉଥିଲା। ବର୍ଷକ ତଳୁ ମୈଥାନ କାରଖାନା ବନ୍ଦ ହେବା ପରେ ଥାନାକୁ ରହିଥିବା ବିଦ୍ୟୁତ ଯୋଗାଣ ସ୍ୱାଭାବିକଭାବେ ବନ୍ଦ ହୋଇ ଯାଇଥିଲା। ଦୀର୍ଘ ମାସ ତଳୁ ଏହି ଥାନା ଅନ୍ଧାରରେ ରହିଥିଲେ ମଧ୍ୟ ଏହାର ସ୍ଥାୟୀ ପ୍ରତିକାର କରାଯାଇ ନାହିଁ। ଦିନତମାମ ବିନା ବିଜୁଳି ଆଲୁଅରେ





- ୧୦ ମାସ ହେଲା କଟିଛି ବିଦ୍ୟୁତ ସଂଯୋଗ
- ମୁଖ୍ୟମନ୍ତ୍ରୀ କରିଥିଲେ ଉଦ୍‌ଘାଟନ
- ୬୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିଲା
- ଥାନାକୁ ସ୍ଥାୟୀ ରାସ୍ତା ମଧ୍ୟ ନାହିଁ

ଥାନା କାମ ଚାଲୁଥିବାବେଳେ ରାତିରେ ଜେନେରେଟର ମାଧ୍ୟମରେ କାମଚଳା ବିଦ୍ୟୁତ ବ୍ୟବସ୍ଥା କରାଯାଉଛି। ଥାନା ପାଇଁ ବିଜୁଳି ବ୍ୟବସ୍ଥା ଜରୁରୀ ହୋଇଥିଲେ ମଧ୍ୟ ବିକଳ୍ପ ବ୍ୟବସ୍ଥା କରାଯାଇ ନାହିଁ। ଅନ୍ୟପକ୍ଷରେ ଥାନାର ପ୍ରଶାସନିକ ବ୍ୟବସ୍ଥା ମଧ୍ୟ ଉପେକ୍ଷିତ ହୋଇଛି। ଆବଶ୍ୟକ ମୁତାବକ ଏହି ଥାନାରେ କର୍ମଚାରୀ ନ ଥିବା ଜଣାପଡିଛି। ମାତ୍ର ଜଣେ ସବଇନ୍ସପେକ୍ଟର, ଜଣେ ଏଏସଆଇ ଏବଂ ୯ଜଣ କନେଷ୍ଟବଳ, ଜଣେ ହାବିଲଦାର, ଜଣେ ହୋମଗାର୍ଡଙ୍କୁ ନେଇ ଥାନା କାର୍ଯ୍ୟ ଚାଲିଛି। ଥାନା ପରିଚାଳନା ପାଇଁ ଆବଶ୍ୟକ ଭିତ୍ତିଭୂମି ଏବଂ ଲୋକ ସମ୍ବଳ ଅଭାବ ରହିଥିଲେ ମଧ୍ୟ ଏହାର ସମାଧାନ ଦିଗରେ କୌଣସି ବ୍ୟବସ୍ଥା ଗ୍ରହଣ କରାଯାଉ ନାହିଁ। ଏହା ବ୍ୟତୀତ ଥାନାକୁ ପ୍ରଥମେ ଆସୁଥିବା ଲୋକ ଥାନାର ନାମକୁ ନେଇ ମଧ୍ୟ ଦ୍ୱନ୍ଦ୍ୱରେ ପଡୁଥିବା ଦେଖିବାକୁ ମିଳିଛି। କାରଣ, ଥାନା ସମ୍ମୁଖ କାନ୍ଥ ଫଳକରେ ଥାନାର ନାମ କଳିଙ୍ଗନଗର ଥାନା-୨ ଲେଖା ହୋଇଥିବାବେଳେ ଭିତରେ ଏହାର ନାମ ଯଖପୁରା ଥାନା ଲେଖା ହୋଇଛି। ଗୃହ ବିଭାଗ ଯଖପୁରା ଥାନାର ଦୁରାବସ୍ଥା ପ୍ରତି ଦୃଷ୍ଟି ଦେବା ସହିତ ଏହାର ସମାଧାନ ପାଇଁ ଜରୁରୀ ପଦକ୍ଷପ ଗ୍ରହଣ କରିବା ପାଇଁ ସ୍ଥାନୀୟ ଅଞ୍ଚଳରେ ଦାବି ହେଉଛି।

### ଅଗ୍ନିକାଣ୍ଡରେ ଜଳିଗଲା ଦୁଇ ବଖରା

**ଚଣ୍ଡିଖୋଲ,୨୨।୨(ଡ଼ି.ଏନ.ଏ)**

ଦର୍ପଣ ତହସିଲ ଅନ୍ତର୍ଗତ ଶାସନ ପୁରୁଷୋତ୍ତମ ମୌଜାର ସଞ୍ଜୟ ନଗର ଗ୍ରାମରେ ଶୁକ୍ରବାର ରାତିରେ ବିଦ୍ୟୁତ ଶର୍ଟସର୍କିଟ ଯୋଗୁ ଦୁଇ ବଖରା ଘର ପୋଡ଼ିଯାଇଛି। ଜାଗର ଯାତ୍ରା ଦେଖି ଘରକୁ ଫେରି ଶୋଇଥିବା ସମୟରେ ସଞ୍ଜୟନଗର ଗ୍ରାମର ଲକ୍ଷ୍ମଣ ମୁର୍ମୁଙ୍କ ଘରେ ନିଆଁ ଲାଗିଯାଇଥିଲା। ଫଳରେ ପରିବାର ଲୋକେ ଭୟଭୀତ ହୋଇ ଘରୁ ବାହାରକୁ ପଳାଇ ଆସି ପାଟି କରିବାରୁ ଗ୍ରାମବାସୀ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଚଣ୍ଡିଖୋଲ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସମସ୍ତ ଆସବାବପତ୍ର ପୋଡି ଯାଇଥିବାବେଳେ ଧାନ, ଚାଉଳ, ରଙ୍ଗୀନ ଟିଭି, ଘରେ ଥିବା କିଛି ଟଙ୍କା ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଛି। ତେବେ ବିଦ୍ୟୁତ ଶର୍ଟସର୍କିଟରୁ ନିଆଁ ଲାଗିଥିବା ଗ୍ରାମବାସୀମାନେ ପ୍ରକାଶ କରିଛନ୍ତି। ଲକ୍ଷ୍ମଣ ଜଣେ ଗରିବ ଆଦିବାସୀ ପରିବାରର ହୋଇଥିବାରୁ ତାଙ୍କୁ ସହାୟତା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ଡାକ୍ତରଖାନାରେ ପକାଇଲେ ତାଲା

**ଡୁବୁରୀ,୨୨।୨(ଡିଏନଏ)**

ବିଦ୍ୟୁତ ଆଘାତରେ ଗୁରୁତର ହୋଇ ପଡିଥିବା ଡୁବୁରୀ ଗାଁର ଜଣେ ଯୁବକଙ୍କୁ ଚିକିତ୍ସା ନ କରି ଫେରାଇ ଦେବା ଘଟଣାକୁ ନେଇ ଡୁବୁରୀ ଡାକ୍ତରଖାନା ପରିସରରେ ଉତ୍ତେଜନା ପ୍ରକାଶ ପାଇଛି। ଉତ୍ତ୍ୟକ୍ତ ମହିଳା ଓ ସାଧାରଣ ଲୋକେ ଏହା ପ୍ରତିବାଦରେ ଶନିବାର ଡାକ୍ତରଖାନାରେ ତାଲା ପକାଇବା ସହିତ ଧାରଣାରେ ବସିଥିଲେ। ପ୍ରକାଶ ଯେ, ଡୁବୁରୀ ଗାଁ ଭୂମିଜ ସାହିର ଚଗୁଲୁ ହେମ୍ବ୍ରମ(୩୦) ନାମକ ଜଣେ ଯୁବକ ଗତ ଶୁକ୍ରବାର ରାତିରେ ବିଦ୍ୟୁତ ଆଘାତ ପାଇ ଗୁରୁତର ହୋଇଥିଲେ। ସାହିଲୋକେ ତାଙ୍କୁ ଡାକ୍ତରଖାନାକୁ ଆଣିଥିଲେ ହେଲେ ମେଡିକାଲରେ ଥିବା ଫାର୍ମାଶିଷ୍ଟ ଓ ଡ୍ରେସରର ତାଙ୍କୁ ଚିକିତ୍ସା ନ କରି ଫେରାଇ ଦେଇଥିଲେ। ଏହାପରେ ପରିବାର ଲୋକେ ରୋଗୀଙ୍କୁ ନେଇ ଡୁବୁରୀ ଛକରେ ଥିବା ଏକ ଘରୋଇ ହସ୍ପିଟାଲରେ ଅଧିକ ଖର୍ଚ୍ଚାନ୍ତ ହୋଇ ଚିକିତ୍ସା କରାଇଥିଲେ। ଶନିବାର ଏହି ଘଟଣାକୁ ନେଇ ଭୂମିଜ ସାହିରେ ତୀବ୍ର ପ୍ରତିକ୍ରିୟା

**ଚିକିତ୍ସା ନ କରି ରୋଗୀଙ୍କୁ ଫେରାଇ ଦେବାକୁ ନେଇ ଉତ୍ତେଜନା**



ମହିଳା ଓ ଗ୍ରାମବାସୀ ଡାକ୍ତରଖାନାରେ ତାଲା ପକାଇ ଧାରଣାରେ ବସିଛନ୍ତି।

ପ୍ରକାଶ ପାଇଥିଲା। ବହୁ ମହିଳା ଓ ସ୍ଥାନୀୟ ଲୋକେ ଡାକ୍ତରଖାନାକୁ ଆସି ଉକ୍ତ ଘଟଣାର କୈଫିୟତ ମାଗିବା ସହ ସମସ୍ତ କର୍ମଚାରୀ ଓ ଫାର୍ମାଶିଷ୍ଟଙ୍କୁ ବାହାରକୁ ବାହାର କରିଦେଇ ମେଡିକାଲରେ ତାଲା ପକାଇ ଧାରଣାରେ ବସିଥିଲେ। ଆନ୍ଦୋଳନକାରୀଙ୍କ ଅଭିଯୋଗ ଅନୁଯାୟୀ ଏହି ଡାକ୍ତରଖାନାରେ ସବୁବେଳେ ଡାକ୍ତର ଅଭାବ ଜନିତ ସମସ୍ୟା ଲାଗି ରହୁଛି। ଜଣେ ଫାର୍ମାଶିଷ୍ଟ, ଜଣେ ଡ୍ରେସର ଏହି ଡାକ୍ତରଖାନାରେ ରୋଗୀ ସେବା କରିଆସୁଛନ୍ତି। ରୋଗୀଙ୍କ ପାଇଁ ଡାକ୍ତରଖାନାକୁ ଆସୁଥିବା ଔଷଧ ଓ ଇଂଜେକ୍‌ସନ ମାଗଣାରେ ରୋଗୀଙ୍କୁ ନ ଦେଇ ବାହାରୁ କିଣିବାକୁ ଲେଖିଦେଉଛନ୍ତି। ଏହି ସବୁ ଘଟଣାର ତଦନ୍ତ ପାଇଁ ଦାବି କରି ଜୁଲି ନାୟକ, ଅନୀତା ରାଉତ, କୁନୀ ଦେହୁରୀ, ଜୟନ୍ତୀ ଦଳେଇ, ସୌଦାମିନୀ ଦାସ, ସବିତା ବେହେରା, କଜଳି ନାୟକ, ଦେବକୀ ନାୟକ, କଣ୍ଢେଇ ବେହେରାଙ୍କ ନେତୃତ୍ୱରେ ବହୁ ମହିଳା ଓ ପୁରୁଷ ଧାରଣାରେ ବସି ରହିଥିଲେ। କଳିଙ୍ଗନଗର ଥାନା ସବଇନ୍ସପେକ୍ଟର ମନମୋହନ ରାଉତ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ଅପରାହ୍ଣରେ ଡାକ୍ତରଖାନା କାମ ସ୍ୱାଭାବିକ ହୋଇଥିଲା। ଏନେଇ ଲୋକେ କଳିଙ୍ଗନଗର ଥାନା ଓ ସୁକିନ୍ଦା ବ୍ଲକ ମୁଖ୍ୟଙ୍କ ନିକଟରେ ଅଭିଯୋଗ କରି ଚିକିତ୍ସାରେ ଅବହେଳା କରିଥିବା କର୍ମଚାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ଏ ସମ୍ପର୍କରେ ବ୍ଲକ ମୁଖ୍ୟ ଚିକିତ୍ସାଧିକାରୀ ଜୟଦେବ ନନ୍ଦଙ୍କୁ ପଚାରିବାରେ, ଏହି ଘଟଣାରେ ଦୋଷୀ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଡୁବୁରୀ ମେଡିକାଲ ପାଇଁ ଜଣେ ମହିଳା ଡାକ୍ତର ନିଯୁକ୍ତି ପାଇ ଛୁଟିରେ ଅଛନ୍ତି। ଆସନ୍ତା ସୋମବାର ସେ କାର୍ଯ୍ୟରେ ଯୋଗଦେବେ ବୋଲି କହିଛନ୍ତି।

# ଓ.ପି.ଜିନ୍ଦଲ ଆନ୍ତର୍ବିଭାଗୀୟ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ

**କଳିଙ୍ଗନଗର,୨୨।୨(ଡି.ଏନ.ଏ)**

ଜିନ୍ଦଲ କାରଖାନା ପରିସର ମଧ୍ୟରେ ଗତ ୧୪ ତାରିଖରୁ ଚାଲିଥିବା ଓ.ପି ଜିନ୍ଦଲ ଦିବାରାତ୍ର ଆନ୍ତର୍ବିଭାଗୀୟ କ୍ରିକେଟ ପ୍ରତିଯୋଗିତା ଶୁକ୍ରବାର ଉଦଯାପିତ ହୋଇଯାଇଛି। ଏହି ଉଦଯାପନୀ ଉତ୍ସବରେ ପ୍ରତିଯୋଗିତାର ଅନ୍ତିମ ଖେଳକୁ ମୁଖ୍ୟଅତିଥିଭାବେ କମ୍ପାନୀର ବିଶେଷ ଅତିଥି ଅଲ ଇଣ୍ଡିଆ ଷ୍ଟେନଲେସ ଷ୍ଟିଲ ଇଣ୍ଡଷ୍ଟ୍ରିଜ ଅସୋସିଏଶନ ଅଧକ୍ଷ ଶୈଳେଶ ଶାହା ଓ ବୟେନ୍ଦ୍ରା ବର୍ଦ୍ଧନ ଅସୋସିଏଶନର ଅଧକ୍ଷ ହିରେନ ଗଡା ଟସ ପକାଇ ଉଦଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ କାରଖାନାର ବିଭିନ୍ନ ବିଭାଗରୁ ୧୪ଟି ଦଳ ଅଂଶଗ୍ରହଣ କରିଥିଲେ। ଅନ୍ତିମ ଖେଳ କମ୍ପାନୀର କୋଲ୍ଡ ରୋଲିଙ୍ଗ ମିଲ (ଷ୍ଟେନଲେସ) ଓ ସିକ୍ୟୁରିଟି (ନିକେଲ) ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସିକ୍ୟୁରିଟି(ନିକେଲ) ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୯୪ ରନ କରିଥିଲା। ଜବାବରେ କୋଲ୍ଡ ରୋଲିଙ୍ଗ ମିଲ (ଷ୍ଟେନଲେସ) ଦଳ ୧ ୱିକେଟ ବିନିମୟରେ ୯୮ ରନ କରି ବିଜୟ ଲାଭ କରିଥିଲା। ଅନ୍ତିମ ଖେଳ ପୂର୍ବରୁ କମ୍ପାନୀର ବରିଷ୍ଠ ଅଧିକାରୀଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଖେଳ ଡାଇରେକ୍ଟର ଓ ସିଓଓ ଜଗମୋହନ ସୁଦଙ୍କ ନେତୃତ୍ୱରେ ଅପରେଶନ ଦଳ ଓ କାରଖାନା ମୁଖ୍ୟ ଆର.ଏସ. ବୈଦ୍ୟଙ୍କ ନେତୃତ୍ୱରେ ସର୍ଭିସ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଅପରେସନ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୧୩୯ ରନ କରିଥିଲେ। ଜବାବରେ ସର୍ଭିସ ଦଳ ୯ ଓଭରରେ ୧୪୦ ରନ କରି ୮ ୱିକେଟରେ ବିଜୟ ଲାଭ କରିଥିଲେ। ସେହିପରି ମହିଳା ଦଳ ମଧ୍ୟରେ ଖେଳ ହୋଇ ଫାଲକନ ଦଳ ୯ ୱିକେଟରେ ବିଜୟ ଲାଭ କରିଥିଲା। ଉଦଯାପନୀ ଉତ୍ସବରେ କମ୍ପାନୀର ବିଶେଷ ଅତିଥି ଶାହା ଓ ବର୍ଦ୍ଧନ, ଗଡା ତାଙ୍କର ସମସ୍ତ ସଦସ୍ୟଙ୍କ ସହିତ ଉପସ୍ଥିତ ଥିଲେ। ବିଶିଷ୍ଟ ଅତିଥିଭାବେ କମ୍ପାନୀର ମ୍ୟାନେଜିଂ ଡିଇରେକ୍ଟର ଅଭ୍ୟୁଦୟ ଜିନ୍ଦଲ ପ୍ରତିଯୋଗିତାର ବିଜେତା ଓ ଉପବିଜେତା ଦଳଙ୍କୁ ତଥା ମ୍ୟାନ ଅଫ ଦ ସିରିଜ ସୁବ୍ରତ କୁମାର ପ୍ରଧାନ ଓ ବେଷ୍ଟ ବୋଲର ଭାବରେ ସୋନୁଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଆଇନ ବିଭାଗର ଜ୍ଞାନରନ ତିୱାରୀ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ଅଶୋକ ନାୟକ ଓ କୁମାର ଅଭିଷେକ ଅମ୍ପାୟାର ଦାୟିତ୍ୱ ତୁଲାଇ ଥିଲେ। ଶେଷରେ ମାନବ ସମ୍ବଳ ବିଭାଗ ମୁଖ୍ୟ ରାକେଶ ପାଠକ ଧନ୍ୟବାଦ ଦେଇଥିଲେ।





ବିଜୟୀ ଦଳକୁ ଅତିଥି ପୁରସ୍କୃତ କରୁଛନ୍ତି।

# ଜମିବାଡ଼ି ବିବାଦକୁ ନେଇ ମାରପିଟ, ୮ ଗିରଫ

**କଳିଙ୍ଗନଗର,୨୨।୨(ଡିଏନ୍ଏ)**

କଳିଙ୍ଗନଗର ଥାନା ବାଇସାହି ଗାଁରେ ଗତ ୧୯ ତାରିଖ ଜମିବାଡି ବିବାଦକୁ ନେଇ ୨ଟି ପରିବାର ମଧ୍ୟରେ ମାରପିଟ ଘଟିଥିଲା। ଉଭୟଙ୍କ ପକ୍ଷରୁ ଥାନାରେ ପୃଥକ ପୃଥକ ୨ଟି ଅଭିଯୋଗ ହୋଇଥିଲା। ଘଟଣାର ତଦନ୍ତ କରି ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ଶନିବାର ୮ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୋଗ ମୁତାବକ, ବାଇସାହି ଗାଁର ବାବୁଲି ଆଙ୍ଗରାଇ ଓ ଯାଦବ ଜାରିକାଙ୍କ ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମିଳିଥିବା ଘର ଓ ଜାଗାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଘଟଣାକୁ ନେଇ ବାବୁଲି ଓ ଯାଦବଙ୍କ ମଧ୍ୟରେ ମାଡପିଟ ହୋଇଥିଲା। ପରେ ଉଭୟଙ୍କ ପକ୍ଷରୁ କଳିଙ୍ଗନଗର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇ ପୋଲିସ ଏକ ମାମଲା (ନଂ.୨୨/୨୦) ରୁଜୁ କରି ବିଲି ଜାରିକା, ଲାଲମୋହନ ଜାରିକା, ସିଂରାଏ ଜାରିକା ଓ ଯାଦବ ଜାରିକାକୁ ଗିରଫ କରିଥିବାବେଳେ କେସ ନଂ ୨୩/୨୦ରେ ପାଣ୍ଡୁ ଆଙ୍ଗରାଇ ଓ ତାଙ୍କ ତିନି ପୁଅ ବାବୁଲି, ନଗେନ ଏବଂ ସୁରେନ୍ଦ୍ରଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି।

### ଇଜ୍‌ତମା ସମ୍ମିଳନୀ ସ୍ଥଳ ପରିଦର୍ଶନ କଲେ ଏସ୍‌ପି

**ଯାଜପୁର ଟାଉନ,୨୨।୨(ଡିଏନଏ):** ଯାଜପୁର ସହର ବାଳାଶ୍ରମ ପଡ଼ିଆରେ ଆସନ୍ତା ୨୯ ଓ ୧ ତାରିଖରେ ତହଫୁଜ୍-ଏ-ଇମାନ୍ ପକ୍ଷରୁ ସର୍ବଭାରତୀୟ ସୁନ୍ନି ଇଜ୍‌ତେମା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ସାରା ଦେଶରୁ ୫୦ ହଜାରରୁ ଊର୍ଦ୍ଧ୍ୱ ସୁନ୍ନି ମୁସଲମାନ ସଂପ୍ରଦାୟର ଶ୍ରଦ୍ଧାଳୁ ଯୋଗଦେବେ। ଶନିବାର ଇଜ୍‌ଜମା ସମ୍ମିଳନୀ ସ୍ଥଳକୁ ଯାଜପୁର ଏସପି ଚରଣ ସିଂ ମୀନା ପରିଦର୍ଶନ କରି ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ସମସ୍ତ ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଭାରତର କୋଣ ଅନୁକୋଣରୁ ମୌଲାନା, ସାୟର (କବି)ଙ୍କ ଯୋଗଦାନର କାର୍ଯ୍ୟକ୍ରମ ରହିଛି।

### ୩ବର୍ଷର ଶିଶୁ ଉଦ୍ଧାର

**ଚଣ୍ଡିଖୋଲ,୨୨।୨(ଡ଼ି.ଏନ.ଏ)**

ବଡ଼ଚଣା ବ୍ଲକ ଚଣ୍ଡିଖୋଲ ଛକରେ ଶୁକ୍ରବାର ସନ୍ଧ୍ୟାରେ ଶିଶୁଟିଏ କାନ୍ଦୁଥିବାର ଦେଖି ସ୍ଥାନୀୟ ଲୋକେ ତାକୁ ଉଦ୍ଧାର କରିଥିଲେ। ଉଦ୍ଧାର ଶିଶୁର ବୟସ ପ୍ରାୟ ୩ ବର୍ଷ ହେବ ବୋଲି ଜଣାପଡ଼ିଛି। ଶିଶୁପୁତ୍ର ନିଜ ଘର ଯାଜପୁର ଟାଉନ ବୋଲି କହୁଥିବାବେଳେ ସେ ତାଙ୍କ ବାପାଙ୍କ ସହିତ ଆସିଥିଲେ ଏବଂ ବାପା ତାଙ୍କୁ ଛାଡ଼ି କେଉଁଆଡ଼େ ପଳାଇ ଯାଇଛନ୍ତି ବୋଲି କହିଥିଲେ। ନିକଟସ୍ଥ ସୁଙ୍ଗୁଡ଼ା ଗ୍ରାମର ବାବାଜି ସାହାଣୀ ପିଲାଟିକୁ ଉଦ୍ଧାର କରି ନିଜ ଘରେ ଶୁକ୍ରବାର ରଖିଥିଲାବେଳେ ଶନିବାର ଚଣ୍ଡିଖୋଲ ଫାଣ୍ଡିରେ ଜିମା ଦେଇଥିଲେ। ପୋଲିସ ଶନିବାର ଯାଜପୁର ଜିଲା ଶିଶୁ ସୁରକ୍ଷା ୟୁନିଟ୍‌କୁ ଶିଶୁପୁତ୍ରଟିକୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି।

# ଦରମା ଦାବିରେ ଧାରଣାରେ ବସିଲେ ଶ୍ରମିକ

**କାଳିଆପାଣି,୨୨।୨(ଡିଏନଏ)**

ଓଡ଼ିଶା ଖଣି ନିଗମର ସୁକୁରୁଙ୍ଗୀସ୍ଥିତ ସିଓବି ପ୍ଲାଣ୍ଟରେ ନିୟୋଜିତ ଶ୍ରମିକଙ୍କୁ ନିର୍ଦ୍ଧାରିତ ଦରମାରୁ କମ୍ ଓ ମାସ ମାସ ଧରି ଦରମା ଦିଆଯାଉ ନ ଥିବା ଅଭିଯୋଗ କରି ଶନିବାର ୮୦ଜଣ ଶ୍ରମିକ ଧାରଣାରେ ବସିଥିଲେ। ଶ୍ରମିକଙ୍କୁ ତାଙ୍କ ପ୍ରାପ୍ୟ ନ ଦେଲେ ଆଗାମୀ ଦିନରେ ଶ୍ରମିକ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଶ୍ରମିକ ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧିର ଚେତାବନୀ ଦେଇଛନ୍ତି। ସୂଚନା ଥାଉକି, ସିଓବି ପ୍ଲାଣ୍ଟର ସମ୍ପ୍ରସାରଣ କାର୍ଯ୍ୟ କେଆଇଓସିଏଲ ନାମକ ସଂସ୍ଥା ଠିକାରେ ନେଇଥିବାବେଳେ ତାଠାରୁ ଏସ୍‌ପି ସିଭିଲ ନାମକ ସଂସ୍ଥା ପେଟିଭାବେ ଠିକାରେ ନେଇ କାର୍ଯ୍ୟ କରୁଛି। ଏସପି ସିଭିଲ ନାମକ ସଂସ୍ଥା ୮୦ରୁ ଊର୍ଦ୍ଧ୍ୱ ଶ୍ରମିକ ଓ କର୍ମଚାରୀଙ୍କୁ କାର୍ଯ୍ୟରେ ନିୟୋଜିତ କରିଛି। ପ୍ରତି ଶ୍ରମିକଙ୍କୁ ପ୍ରତିଦିନ ୨୭୦ ଟଙ୍କା ମଜୁରୀ



ଶ୍ରମିକମାନେ ଧାରଣାରେ ବସିଛନ୍ତି।

**ଓଏମ୍‌ସିର ସିଓବି ପ୍ଲାଣ୍ଟ**

ଆକାରରେ ଦେଉଛି। ଏଥିସହ ମାସ ମାସ କାଳ ଦରମା ନ ଦେଇ ଶ୍ରମିକଙ୍କୁ ହଇରାଣ କରୁଛି। କେହି ମୁହଁ ଖୋଲିଲେ କାମ ହରାଇବାକୁ ପଡୁଛି। ଏପରି ବେଆଇନ କାର୍ଯ୍ୟ ସରକାରୀ ସଂସ୍ଥା ଖଣି ନିଗମରେ ଖୋଲାଖୋଲି ଚାଲିଥିବାବେଳେ ସବୁ ଦେଖି ବି ଖଣି ନିଗମ ଅଧିକାରୀମାନେ ଆଖିବୁଜି ଦେଇଛନ୍ତି ବୋଲି ଶ୍ରମିକମାନେ ଅଭିଯୋଗ କରିଛନ୍ତି। ୨୦୧୮ରୁ ଏହି ଠିକାସଂସ୍ଥା ବହୁ ଶ୍ରମିକଙ୍କଠାରୁ ଭବିଷ୍ୟନିଧି ବାବଦରେ ଟଙ୍କା କାଟି ରଖି ଦାଖଲ କରୁ ନ ଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। କୌଣସି ଅଘଟଣ ଘଟିଲେ ଚାକିରିର କୌଣସି ରେକର୍ଡ ନ ଥିବାରୁ ସରକାରଙ୍କ ସମସ୍ତ ଯୋଜନାରୁ ସେମାନେ ବଞ୍ଚିତ ହେବେ ବୋଲି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଆଞ୍ଚଳିକ ଖଣି ପରିଚାଳକ ମନୋଜ ପତିଙ୍କୁ ଯୋଗାଯୋଗ କକରାଯାଇଥିଲେ ମଧ୍ୟ ସେ ଫୋନ ନ ଉଠାଇବାରୁ ତାଙ୍କ ମତାମତ ମିଳିପାରିନାହିଁ।

# ମଧ୍ୟାହ୍ନ ଭୋଜନ ବନ୍ଦ, ବିସ୍କୁଟ ଖାଇଲେ ଛାତ୍ରୀଛାତ୍ର

**ବରୀ,୨୨।୨(ସ୍ୱ.ପ୍ର)**

**ଅଜାଣ ନୋଡାଲ ଉଚ୍ଚ ବିଦ୍ୟାଳୟ**

ଯାଜପୁର ଜିଲା ବରୀ ବ୍ଲକ ଅଧୀନ ମେଦୁଆକୁଳ ଗ୍ରାମର ଅଜାଣ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଶନିବାର ମଧ୍ୟାହ୍ନ ଭୋଜନ ବନ୍ଦ ରହୁଥିବା ଜଣାପଡ଼ିଛି। ଶନିବାର ମଧ୍ୟାହ୍ନଭୋଜନରୁ ଛାତ୍ରୀଛାତ୍ରମାନେ ବଞ୍ଚିତ ହୋଇ ବିସ୍କୁଟ ଖାଇଥିବା ଜଣାପଡିଛି। ଏନେଇ ଅଭିଭାବକ, ଛାତ୍ରୀଛାତ୍ର, ଗ୍ରାମବାସୀଙ୍କ ଭିତରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଘଟଣା ସକାଳ ୯ଟାରେ ପ୍ରଘଟ ହେବାପରେ ବରୀ ବ୍ଲକ ଅଧକ୍ଷା ସୁବାସିନୀ ନାଥଶର୍ମା ଅଜାଣ ନୋଡାଲ ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ଥିଲେ। ତେବେ ପ୍ରତି ଶନିବାର ଏହି ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନ ଦିଆଯାଉ ନାହିଁ। ଏନେଇ ସେ ବ୍ଲକ ଶିକ୍ଷାଧିକାରୀ, ଜିଲା ଶିକ୍ଷାଧିକାରୀଙ୍କ ନିକଟରେ ବହୁବାର ଅଭିଯୋଗ ମଧ୍ୟ କରିଥିବା ପ୍ରକାଶ କରିଛନ୍ତି। ମାତ୍ର କୌଣସି ସମାଧାନ ହେଉନାହିଁ ବୋଲି କହିଥିଲେ। ଶନିବାର ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଓ ବ୍ଲକ ଅଧକ୍ଷା ନାଥଶର୍ମାଙ୍କର ଏ ସଂକ୍ରାନ୍ତରେ ତର୍କବିତର୍କ ହୋଇଥିଲେ ବି ଘଟଣା ସମାଧାନ ହୋଇପାରି ନ ଥିଲା। ମଧ୍ୟହ୍ନ ଭୋଜନ ବନ୍ଦ ରହୁଥିବାରୁ ଅଧକ୍ଷା କ୍ଷୋଭ ପ୍ରକାଶ କରି ଫେରି ଆସିଥିବା ଦେଖିବାକୁ ମିଳିଥିଲା। ଜଣାଯାଇଛି ଯେ, ଏହି ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷୟିତ୍ରୀଶିକ୍ଷକ, ଚତୁର୍ଥ ଶ୍ରେଣୀ କର୍ମଚାରୀ ଓ ପାଚିକା ସହପାଚିକାଙ୍କ ମଧ୍ୟରେ ସମନ୍ୱୟ ରହୁନାହିଁ। ଶନିବାର ପାଚିକା ଓ ସହପାଚିକା ବିଦ୍ୟାଳୟକୁ ରୋଷେଇ କରିବାକୁ ଆସି ନ ଥିବାରୁ ମଧ୍ୟାହ୍ନ ଭୋଜନ ବନ୍ଦ ହୋଇଯାଇଥିଲା। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ଶୁକ୍ଳ ଉପସ୍ଥିତ ୨୪ଜଣ ଛାତ୍ରୀଛାତ୍ରଙ୍କୁ ବିସ୍କୁଟ କିଣି ଖାଇବାକୁ ଦେଇଥିଲେ। ଅଧିକାଂଶ ଶନିବାର ଏହି ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ କରାଯାଉ ନାହିଁ ବୋଲି ଅଧକ୍ଷା ନାଥଶର୍ମା ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ପ୍ରଧାନ ଶିକ୍ଷକ ଶୁକ୍ଳାଙ୍କୁ ପଚାରିବାରୁ, ପାଚିକା ଓ ସହପାଚିକା ଶନିବାର ଆସି ନଥିଲେ। ଅଣ୍ଡା ଖାଇବାକୁ ପିଲାମାନେ ବାରଣ କରିବାରୁ ବିସ୍କୁଟ ମଗାଇ ତାଙ୍କୁ ଦେଇଥିଲେ। ମଧ୍ୟାହ୍ନ ଭୋଜନ ବାବଦରେ ୬ହଜାର ୩୭୧ ଟଙ୍କା, ୩୧ କେଜି ଚାଉଳ ତାଙ୍କ ପକେଟରୁ ଯାଇଛି। ବିଦ୍ୟାଳୟକୁ ସରକାରୀ ପାଣି ଆସୁ ନ ଥିବାରୁ ଅନ୍ୟାନ୍ୟ ଖେଳ କସରତ ଖର୍ଚ୍ଚ ବାବଦରେ ତାଙ୍କ ପକେଟରୁ ଖର୍ଚ୍ଚ ହେଉଛି ବୋଲି କହିଛନ୍ତି। ଶୁକ୍ଳ ଆହୁରି ମଧ୍ୟ କହିଛନ୍ତି ଯେ, ମଧ୍ୟାହ୍ନ ଭୋଜନ ବିଦ୍ୟାଳୟରେ ସବୁଦିନ ହୋଇଥାଏ। ଅନ୍ୟ ଶିକ୍ଷୟତ୍ରୀଶିକ୍ଷକମାନେ ଏହି ଭୋଜନ ଖାଇବାରେ ସାମିଲ ହେଉଥିବାରୁ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହେଉଛି। ଏନେଇ ଶିକ୍ଷୟତ୍ରୀଶିକ୍ଷକ ଓ ପ୍ରଧାନ ଶିକ୍ଷକଙ୍କ ଭିତରେ ଅସହଯୋଗ ମତାନ୍ତର ସୃଷ୍ଟି ହୋଇଛି। ଏ ସମ୍ପର୍କରେ ବରୀ ବ୍ଲକ ଶିକ୍ଷାଧିକାରୀ ଅଭୟ କୁମାର ବେହେରାଙ୍କୁ ପଚାରିବାରୁ, ଶନିବାର ମଧ୍ୟାହ୍ନ ଭୋଜନ ବନ୍ଦ ହୋଇଥିବା ଖବର ମିଳିଛି। ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୨୩।୨।୨୦୨୦, ରବିବାର**

- ଓଡଗାଁ ବ୍ରହ୍ମାକୁମାରୀ ପାଠଶାଳାର ବାର୍ଷିକ ଉତ୍ସବ ଓ ଶିବ ସନ୍ଦେଶ କାର୍ଯ୍ୟକ୍ରମର ଶାନ୍ତି ଶୋଭାଯାତ୍ରା **ସ୍ଥାନ:** ନନ୍ଦୀଘୋର, ସମୟ: ପୂର୍ବାହ୍ନ ୯ ଘଟିକା

**୨୪।୨।୨୦୨୦, ସୋମବାର**

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି **ସ୍ଥାନ:** ନୂଆଗାଁ ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୧ଟା

# କାମରେ ଲାଗୁନି ପାନୀୟଜଳ ପ୍ରକଳ୍ପ

ନୟାଗଡ଼ ଅଫିସ,୨୨।୨

- ଓଭରହେଡ୍ ଟାଙ୍କି ପାଖରେ ପହଞ୍ଚୁନି ପାଣି
- ଗ୍ରୀଷ୍ମଋତୁରେ ଉତ୍କଟ ହେବ ସ୍ଥିତି
- ୧୩ ବର୍ଷର ପ୍ରକଳ୍ପ ୧୩ ଦିନ କାମ କରିନି

ନୟାଗଡ଼ ଜିଲା ଗୋଡିପଡାଠାରେ ଥିବା ପାନୀୟଜଳ ପ୍ରକଳ୍ପ ଲୋକଙ୍କ କାମରେ ଆସୁନି। ୧୩ ବର୍ଷର ପ୍ରକଳ୍ପ ହୋଇଥିଲେ ହେଁ ସ୍ଥାନୀୟ ବାସିନ୍ଦା ୧୩ ଦିନ ଉପକୃତ ହୋଇ ନାହାନ୍ତି। ଓଭରହେଡ୍ ଟାଙ୍କି ପାଖରେ ପହଞ୍ଚୁନି ପାନୀୟ ଜଳ। ଏବେଠାରୁ ଦେଖାଦେଲାଣି ପାନୀୟ ଜଳ ସଙ୍କଟ। ଯୁଦ୍ଧକାଳୀନ ଭିତ୍ତିରେ ପ୍ରକଳ୍ପ ମରାମତି କରା ନ ଗଲେ ଗ୍ରୀଷ୍ମଋତୁରେ ସ୍ଥିତି ଉତ୍କଟ ହେବ ଏଥିରେ ସନ୍ଦେହ ନାହିଁ।

### ପାଣି ପାଇଁ ହନ୍ତସନ୍ତ



ଗୋଡିପଡା ପଞ୍ଚାୟତ ସମିତି ସଭ୍ୟ ବସନ୍ତ ମହାନ୍ତି କୁହନ୍ତି, ଘରେ ଘରେ ପାନୀୟ ଜଳ ଯୋଗାଇବା ଉପରେ ସରକାର ପ୍ରାଧାନ୍ୟ ଦେଉଛନ୍ତି। ଏଥିପାଇଁ ଗାଁ ଗାଁରେ ପ୍ରକଳ୍ପ ନିର୍ମାଣ କରୁଛନ୍ତି। ହେଲେ ପ୍ରକଳ୍ପରୁ ଲୋକେ କେତେ ଉପକୃତ ହେଉଛନ୍ତି ତା'ର ସମୀକ୍ଷା କରାଯାଉନି। ଫଳରେ ଗୋଡିପଡା ପରି ଗାଁରେ ପ୍ରକଳ୍ପ ନିର୍ମାଣର ୧୩ ବର୍ଷ ପରେ ବି ଘରେ ପାଣି ଟୋପାଏ ମିଳୁ ନାହିଁ। ଅନ୍ୟ ଦିନରେ ସ୍ଥାନୀୟ ବାସିନ୍ଦା କଷ୍ଟେମଷ୍ଟେ ଚଳି ଯାଉଛନ୍ତି। ହେଲେ ଖରାଦିନ ଆସୁଥିବାରୁ ଲୋକେ କିପରି ଚଳିବେ ସେହି ଚିନ୍ତାରେ ଅଛନ୍ତି। କାମ ଚଳାଇବା ପାଇଁ ସେମାନେ ନଳକୂପ ପାଖରେ ଧାଡି ଲଗାଉଛନ୍ତି।

### ମିନି ପ୍ରକଳ୍ପ କରାଯାଉ



ରବି ନାରାୟଣ ଦାଶ କୁହନ୍ତି, ଗୋଡିପଡା ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇପଡିଛି। ୧୩ବର୍ଷ ହେଲା ପ୍ରକଳ୍ପ ନିର୍ମାଣ ହୋଇଥିବାବେଳେ ଲୋକେ ପାନୀୟ ଜଳ ନ ପାଇଲେ ଫେଲ୍ୟୁଅର ବୋଲି କହିବା ସ୍ୱାଭାବିକ। କ'ଣ ପାଇଁ ପ୍ରକଳ୍ପ କାମ କରୁନାହିଁ ଲୋକେ ବୁଝିବା ସ୍ଥିତିରେ ନାହାନ୍ତି। ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ନଷ୍ଟ କରିବା ଠିକ୍ ନୁହେଁ। ସେହି ଅର୍ଥରେ ବୋରୱେଲ କରି ମିନି ପ୍ରକଳ୍ପ କରାଇ ଲୋକଙ୍କୁ ପାନୀୟ ଜଳ ଯୋଗାଇବା ବ୍ୟବସ୍ଥା କରାଯାଉ। ପ୍ରତିବର୍ଷ ଆମେ ପ୍ରତିବାଦ କରୁଛୁ, ଅଭିଯୋଗ କରୁଛୁ ହେଲେ ତାହା ଶୀତଳଭଣ୍ଡାରରେ ରହିଯାଉଛି ।

### ଅଭିଯୋଗକୁ ଗୁରୁତ୍ୱ ଦିଅ



ଲକ୍ଷ୍ମୀଧର ସାହୁ କୁହନ୍ତି, ପ୍ରତିବର୍ଷ ଗୋଡିପଡାରେ ପାନୀୟଜଳ ସମସ୍ୟା ଲାଗି ରହୁଛି। ନଳକୂପ ସବୁ ଲୋକଙ୍କ ଆବଶ୍ୟକତା ମେଣ୍ଟାଇ ପାରୁନି। କାରଣ ବାରିପଟେ ଥିବା କୂଅ ଶୁଖିଲା ପଡୁଛି। ଯଦି ପାନୀୟଜଳ ପ୍ରକଳ୍ପ ଅଚଳ ହୋଇ ରହିଲା ତେବେ ତା'ର ବିକଳ୍ପ ଖୋଜାଯାଉ। କ'ଣ କଲେ ସମସ୍ୟା ଦୂରହେବ ସେ ବ୍ୟବସ୍ଥା କରାଯାଉ। ମିଥ୍ୟା ପ୍ରତିଶ୍ରୁତି ଦିଆ ନ ଯାଉ। ପାନୀୟଜଳ ପ୍ରକଳ୍ପ ସଚଳ କର ନଚେତ ଅଚଳ ପ୍ରକଳ୍ପ ଦର୍ଶାଇ ସମାଧାନର ମାର୍ଗ କାଢ଼। ଲୋକ ୧୩ ବର୍ଷ ଧରି ଅପେକ୍ଷା କରି ଧୈର୍ଯ୍ୟ ହରାଇ ସାରିଲେଣି।

### ଆନ୍ତରିକତା ଅଭାବ



ଶ୍ରୀଧର ସାହୁ କହନ୍ତି, ଡିମିଶରର ଦୁଆଣ୍ଟ ନଦୀରେ ପ୍ରକଳ୍ପ କରାଗଲା। ଗୋଡିପଡା ଏମ୍ଇ ସ୍କୁଲ ପରିସରରେ ଓଭରହେଡ୍ ଟାଙ୍କି କରାଗଲା। ଗାଁ ଭିତରେ ପାଇପ ବିଛାଗଲା। ସବୁ କାମ ଶେଷ ପରେ ଘରକୁ ପାଣି ଆସୁନି। ସମସ୍ୟା କେଉଁଠି ରହୁଛି ତା'ର କାରଣ ଖୋଜା ଯାଉନି। ୨୦୦୭ ମସିହାରୁ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଥିବାବେଳେ ୨୦୨୦ ସୁଦ୍ଧା ଲୋକଙ୍କ ଘରେ ପାଣି ପହଞ୍ଚୁନି। ଲୋକେ ଅଭିଯୋଗ କରି ଥକି ଗଲେଣି। ହେଲେ ଏହାର ପ୍ରତିକାର ନାହିଁ। ସବୁକୁ ତର୍ଜମା କଲେ ଜଣାପଡୁଛି ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା ଓ ଆନ୍ତରିକତା ଅଭାବରୁ ସରକାରଙ୍କ ମହତ ଉଦ୍ଦେଶ୍ୟ ପୂରଣ ହୋଇପାରୁ ନାହିଁ।



ଏ ସମ୍ପର୍କରେ ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ କୁହନ୍ତି, ଗୋଡିପଡାରେ ପାନୀୟ ଜଳ ସମସ୍ୟା ନେଇ ଅବଗତ ଅଛି। ପ୍ରକଳ୍ପ ଯେପରି ଶୀଘ୍ର କାର୍ଯ୍ୟକ୍ଷମ ହେବ ସେ ନେଇ ପଦକ୍ଷେପ ନେବି।

## ସ୍କୁଲରୁ ମଧ୍ୟାହ୍ନଭୋଜନ ସାମଗ୍ରୀ ଚୋରି ଅଭିଯୋଗ

ଭାପୁର,୨୨।୨(ଡି.ଏନ୍.ଏ.)

ଭାପୁର ବ୍ଲକର ୩ ସ୍କୁଲରେ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ମଧ୍ୟାହ୍ନଭୋଜନ ଓ ଅନ୍ୟ ସାମଗ୍ରୀ ଲୁଟିନେଇଥିବା ଅଭିଯୋଗ ହୋଇଛି। ଚୋରମାନେ ଟିକିରିପଡ଼ା ସ୍କୁଲରୁ ଚାଉଳ, ହରଡ଼ ଡ଼ାଲି, ଅମୂଲ, ମଟର, ସୋୟାବିନ ବଡ଼ି ପ୍ୟାକେଟ ନେଇଯାଇଛନ୍ତି। ସେହିଭଳି ମାଳିବେରଣୀ ସ୍କୁଲରୁ ୭କେଜି ମଟର, ୧୦କେଜି ହରଡ଼ ଡ଼ାଲି, ୩କେଜି ଚିନି, ୫ଲିଟର ଫ୍ରିଡ଼ମ ତେଲ,୨କେଜି ଅମୂଲ, ୧କେଜି ସୋୟାବିନ ବଡ଼ି ଚୋରି ହୋଇଛି। ମିଗୁଆଣି ସ୍କୁଲରୁ ନଗଦ ୨୫ଶହ ଟଙ୍କା ଓ ପିଲାମାନେ ଖେଳୁଥିବା ୨ଟି କ୍ରିକେଟ ବ୍ୟାଟ ଚୋରି ହୋଇଥିବା ଫତେଗଡ଼ ଥାନାରେ ଅଭିଯୋଗ ହୋଇଛି। ପରେ ସେମାନେ ଜାମୁସାହିପାଟଣା ସ୍କୁଲର ତାଲା ଭାଙ୍ଗି ଭିତରେ ପଶିଥିଲେ ମଧ୍ୟ ମଧ୍ୟାହ୍ନଭୋଜନ ବା ଅନ୍ୟ କୌଣସି ସାମଗ୍ରୀ ନ ଥିବାରୁ ଫେରିଯାଇଥିବା କୁହାଯାଉଛି।

## ମାଟ୍ରିକ ପରୀକ୍ଷାରେ ୨୧ ଛାତ୍ରୀଛାତ୍ର ଅନୁପସ୍ଥିତ

ଭାପୁର,୨୨।୨(ଡି.ଏନ୍.ଏ.): ଭାପୁର ବ୍ଲକର ୮ ମାଟ୍ରିକ ପରୀକ୍ଷା କେନ୍ଦ୍ରରେ ୨୪ ହାଇସ୍କୁଲର ୧୪୦୬ ଛାତ୍ରୀଛାତ୍ର ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଥିଲେ।ପ୍ରଥମ ଦିନ ଓଡ଼ିଆ ପରୀକ୍ଷାରେ ୧୯ଜଣ ଓ ଶନିବାର ଦ୍ୱିତୀୟ ଦିନରେ ଇଂଲିଶ ପରୀକ୍ଷାରେ ୨ଜଣ ଅନୁପସ୍ଥିତ ରହିଥିଲେ। ଫଳରେ ମୋଟ ୨୧ଜଣ ଅନୁପସ୍ଥିତ ରହିଥିଲେ। ସୂଚନାଯୋଗ୍ୟ, ବାଲୁଙ୍କେଶ୍ୱର ଦେବ ବିଦ୍ୟାପୀଠ, ଫତେଗଡ଼ ହାଇସ୍କୁଲ, ପଦ୍ମାବତୀ ଗୋପୀନାଥ ଦେବ ହାଇସ୍କୁଲ, ଜାମୁସାହି ଚାରୁଦେବୀ ଆଞ୍ଚଳିକ ହାଇସ୍କୁଲ, କରବର ସାମନ୍ତ ଚନ୍ଦ୍ର ଶେଖର ବିଦ୍ୟାମନ୍ଦିର, ବାଇଗୁଣିଆଁ ତନ୍ତୁବାୟ ସମବାୟ ହାଇସ୍କୁଲ, ବଳଦିଆନୂଆଗାଁ ହାଇସ୍କୁଲ କେନ୍ଦ୍ରରେ ପରୀକ୍ଷା ଅନୁଷ୍ଠିତ ହେଉଛି।

## ବାଲୁଙ୍କେଶ୍ୱର ଦେବ ମନ୍ଦିର ପ୍ରତିଷ୍ଠା ଉତ୍ସବ



ଭାପୁର,୨୨।୨(ଡି.ଏନ୍.ଏ.): ଭାପୁର ବ୍ଲକ ଗୋଳାପୋଖରୀ ପଞ୍ଚାୟତ ପାଥପୁର ଗ୍ରାମର ଆରାଧ ଦେବତା ଶ୍ରୀ ବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିର ପ୍ରତିଷ୍ଠା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଗ୍ରାମର ୧୦୧ ମହିଳା ଓ ପୁରୁଷ ମହାନଦୀରୁ କଳସରେ ଜଳଧରି ଦୀର୍ଘ ୮ କି.ମି. ଯାତ୍ରା କରିବା ପରେ ମନ୍ଦିର ପରିସରରେ ସ୍ଥାପନା କରିଥିଲେ। ପ୍ରଥମ ଦିନରେ ଅଙ୍କୁରାରୋପଣ, ଶନିବାର କଳସ ଯାତ୍ରା ଓ ଅଗ୍ନିସ୍ଥାପନ କରାଯାଇଛି। ରବିବାର ସୂର୍ଯ୍ୟପୂଜା, ଯଜ୍ଞ ସହ ସୋମବାର ପୂର୍ଣ୍ଣାହୁତି ସମ୍ପନ୍ନ ହେବ। ଗ୍ରାମବାସୀଙ୍କ ତରଫରୁ ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଶୁକ୍ରବାର କାଳୀୟଦଳନ, ଶନିବାର ଭାରତଲୀଳା ପରିବେଷିତ ହୋଇଛି। ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ଆଖପାଖ ଗ୍ରାମରୁ ଶତାଧିକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

# କଟକ ମଙ୍ଗଳା କ୍ଲବ୍ ଚାମ୍ପିୟନ

**ରାଜ୍ୟସ୍ତରୀୟ ରଣପୁର କପ୍ ଫୁଟ୍‌ବଲ୍**

ରଣପୁର,୨୨।୨(ସ୍ୱ.ପ୍ର.)

ରଣପୁର ସ୍ପୋର୍ଟସ୍ ଆସୋସିଏଶନ ଆନୁକୂଲ୍ୟରେ ରଣପୁର ବାଘସାମନ୍ତ ପଡ଼ିଆଠାରେ ରାଜ୍ୟସ୍ତରୀୟ ରଣପୁର କପ୍ ଫୁଟ୍‌ବଲ ଫାଇନାଲ ମ୍ୟାଚ ଶନିବାର ଅନୁଷ୍ଠିତ ହୋଇଯାଇଛି । ନୟାଗଡ ସ୍ପୋର୍ଟସ୍ ହଷ୍ଟେଲ୍ ଓ କଟକ ମଙ୍ଗଳା କ୍ଲବ୍ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ହୋଇଥିଲା। କଟକ ମଙ୍ଗଳା କ୍ଲବ୍ ନୟାଗଡ ସ୍ପୋର୍ଟସ୍ ହଷ୍ଟେଲ୍‌କୁ ୧-୦ ଗୋଲ୍‌ରେ ହରାଇ ଚାମ୍ପିୟନ ହୋଇଛି। ଏଥିରେ ମୁଖ୍ୟଅତିଥି ପୁରୀ ଏମପି ପିନାକୀ ମିଶ୍ର, ସମ୍ମାନିତ ଅତିଥି ଭାବେ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ଯୋଗଦେଇଥିଲେ। ଏମପି ମିଶ୍ର ମଙ୍ଗଳା କ୍ଲବ୍ କଟକକୁ ଚାମ୍ପିୟନ ଟ୍ରଫି ପ୍ରଦାନ କରିଥିଲେ। ନୟାଗଡ ସ୍ପୋର୍ଟସ୍ ହଷ୍ଟେଲ୍‌କୁ ରନର୍ସଅପ୍ ଟ୍ରଫି ପ୍ରଦାନ କରାଯାଇଥିଲା। ସ୍ପୋର୍ଟସ୍ ହଷ୍ଟେଲ୍ ନୟାଗଡର ଖେଳାଳି ମ୍ୟାନ୍ ଅଫ୍ ଦ ସିରିଜ ହୋଇଥିବାବେଳେ କଟକ ମଙ୍ଗଳା କ୍ଲବ୍‌ର ଖେଳାଳି ମ୍ୟାନ୍ ଅଫ୍ ଦ ମ୍ୟାଚ୍ ହୋଇଥିଲେ। ଏହି ଉଦ୍‌ଯାପନୀ ସଭାରେ ରଣପୁର ସ୍ପୋର୍ଟସ୍ ଆସୋସିଏଶନ୍‌ର ସମ୍ପାଦକ ସ୍ୱରାଜ ମହାନ୍ତି ବିବରଣୀ ପ୍ରଦାନ କରିବା ସହ ରଣପୁରର ଏହି ବାଘ ସାମନ୍ତ ପଡିଆରେ ମିନି ଷ୍ଟାଡିୟମ୍ ସହ ଏକ ଜିମ ସେଣ୍ଟର ନିର୍ମାଣ କରିବା ପାଇଁ ଏମପି ଓ ବିଧାୟକଙ୍କୁ ସେ ଅନୁରୋଧ କରିଥିଲେ। ପ୍ରତିଦିନ ଖେଳ ପରିଚାଳନାରେ ସହଯୋଗ କରିଥିବା ରେଫରିମାନଙ୍କୁ ମୁଖ୍ୟଅତିଥି ସମ୍ମାନିତ କରିଥିଲେ। ମ୍ୟାଚକୁ ମୁଖ୍ୟ ରେଫରି ଭାବେ ଜାତୀୟ ସ୍ତରର ରେଫରି ଶିବଶଙ୍କର ପଣ୍ଡା ପରିଚାଳନା କରିଥିବାବେଳେ ଲାଇନ୍ସ ମ୍ୟାନରେ ମିର୍ଜା ସିରାଉଦ୍ଦିନ ବେଗ, ରବି ନାରାୟଣ ରଣା କାର୍ଯ୍ୟ କରିଥିବାବେଳେ ୪ର୍ଥ ରେଫରି ଭାବରେ ବ୍ରଜମୋହନ ମହାପାତ୍ର ସହଯୋଗ କରିଥିଲେ। ମ୍ୟାଚରେ ଅନ୍ୟମାନଙ୍କ ମଧ୍ୟରେ ରଣପୁର ଏନଏସି ଅଧ୍ୟକ୍ଷା ସବିତା ଦାସ, ପୂର୍ବତନ ସମିତି ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ପ୍ରଭାତ ଦଳବେହେରା, କିଶୋର ପଟ୍ଟନାୟକ, ଶରତ ଚନ୍ଦ୍ର ରଥ, ସୁରେଶ ଚନ୍ଦ୍ର ମିଶ୍ର, ସନ୍ତୋଷ ଲେଙ୍କା, କାଉନସିଲର କମଳାକ୍ଷୀଦେବୀ ଦର୍ଶନୀଙ୍କ ସହିତ ସମସ୍ତ କାଉନସିଲର ଯୋଗଦେଇଥିଲେ। ଏହି ଫାଇନାଲ ମ୍ୟାଚ ଦେଖିବା ପାଇଁ ହଜାର ହଜାର ଦର୍ଶକ ଉପସ୍ଥିତ ଥିଲେ।



ଟ୍ରଫି ସହ ଚାମ୍ପିୟାନ ଟିମ୍‌ର ଖେଳାଳି।

## ଦୁର୍ଘଟଣା: ଜଣେ ଗୁରୁତର

ଖଣ୍ଡପଡା,୨୨।୨(ସ୍ୱ.ପ୍ର.)

ଖଣ୍ଡପଡା-ଖଳିସାହି ରାସ୍ତାରେ ଏକ ବାଇକ ଦୁର୍ଘଟଣାରେ ଖଣ୍ଡପଡା ବ୍ଲକ ଅଧୀନ ମର୍ଦ୍ଦରାଜପୁର ପଞ୍ଚାୟତ ଗିରିଡିପାଟଣା ଗ୍ରାମର ସଂସାରୀ ସାହୁ (୬୫) ଗୁରୁତର ହୋଇଛନ୍ତି। ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମାତ୍ର ଅବସ୍ଥା ଗୁରୁତର ଥିବାରୁ ପରେ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଛି । ଖଣ୍ଡପଡାରୁ ବାଣପୁର ଅଭିମୁଖେ ୨ଜଣ ଯୁବକ ଏକ ବାଇକ ଯୋଗେ ଦ୍ରୁତଗତିରେ ଯାଉଥିବା ବେଳେ ରାସ୍ତା ଉପରେ ସଂସାରୀଙ୍କୁ ଧକ୍କା ଦେବାରୁ ସେ ରାସ୍ତା କଡକୁ ଛିଟିକି ପଡି ଗୁରୁତର ହୋଇଥିବା ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ପ୍ରକାଶ।

## ସିରିଜ ଦୁର୍ଘଟଣା: ଜଣେ ମୃତ, ୪ ଗୁରୁତର

ଓଡ଼ଗାଁ,୨୨।୨(ସ୍ୱ.ପ୍ର.)

ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ ବାହାଡାପିଠା-ମଶାବାରୀ ରାସ୍ତାରେ ଶନିବାର ସିରିଜ ବାଇକ୍ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୪ ଜଣ ଗୁରୁତର ହୋଇଛନ୍ତି। ସୂଚନା ଅନୁସାରେ ସ୍ଥାନୀୟ ମନ୍ଦିର ରୋଡରେ ରହୁଥିବା ସରୋଜ କୁମାର ସାହୁ(୨୮) ମା' ମଞ୍ଜୁଲତା ସାହୁ(୫୨) ଓ ଝିଆରୀ ଅନିତା ସାହୁ(୫)ଙ୍କୁ ବାଇକ୍ (ଓଆର୨୫ସି-୫୫୭୫)ରେ ବସାଇ ଯାଉଥିବା ବେଳେ ପଛରୁ ଓଡି୨୫ଏଚ୍ ୬୦୨୮ ନମ୍ବର ବିଶିଷ୍ଟ ବାଇକ୍ ଆରୋହୀ ଆଡିପଡା ଗ୍ରାମର ମନୋଜ ସେଠୀ (୨୪) ତାଙ୍କୁ ପଛରୁ ଧକ୍କା ଦେଇଥିଲା। ଏହି ସମୟରେ ପଛରୁ ଆସୁଥିବା ସ୍ଥାନୀୟ ଜାରିଙ୍ଗୀ ଗ୍ରାମର ସୁଶାନ୍ତ ସେଠୀ (୨୬) ମନୋଜଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଏଥିରେ ସମସ୍ତ ବାଇକ୍ ଆରୋହୀ ଛିଟିକ ପଡି ଗୁରୁତର ହୋଇଥିଲେ। ସମସ୍ତଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିଲା। ହେଲେ ସେଠାରେ ମନୋଜଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ସମସ୍ତଙ୍କୁ ଗୁରତର ଅବସ୍ଥାରେ ଭୁବନେଶ୍ୱର ପଠାଇ ଦିଆଯାଇଛି। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ବେଳେ ମନୋଜଙ୍କ ମୃତଦେହ ଜିଲା ମୁଖ୍ୟ ଚିକିତ୍ସାଳୟରେ ରହିଥିବା ଜଣାଯାଇଛି । ଅନ୍ୟପକ୍ଷେ ପୋଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି ନିଜ ଆଡୁ ତଦନ୍ତ କରିଥିବା ବେଳେ ଦୁର୍ଘଟଣାଗ୍ରସ୍ତ ୩ ବାଇକ୍ ଉଦ୍ଧାର କରି ନିଜ ହେପାଜତରେ ରଖିଥିବା ପ୍ରକାଶ କରିଛି।

## ଚିନିକଳ ଚାଲୁ ପାଇଁ ଜନଜାଗରଣ

ନୂଆଗାଁ,୨୨।୨(ଡି.ଏନ.ଏ.)

ନୟାଗଡ ଜିଲାର ଏକମାତ୍ର ଶିଳ୍ପ ଚିନିକଳ ଦୀର୍ଘଦିନ ଧରି ବନ୍ଦ ରହିବା ନେଇ ଜନ ଅସନ୍ତୋଷ ବଢିବାରେ ଲାଗିଛି । ଉକ୍ତ ଚିନିକଳକୁ ପୁନର୍ବାର ଚାଲୁ କରିବା ପାଇଁ ଆନ୍ଦୋଳନକୁ ବ୍ୟାପକ କରିବା ଉଦ୍ଦେଶ୍ୟରେ ଚିନିକଳ କ୍ରିୟାନୁଷ୍ଠାନ କମିଟି ତରଫରୁ ଶନିବାର ନୂଆଗାଁ ବ୍ଲକ ମହିପୁରଠାରେ ଜନ ଜାଗରଣ ସଭା ଅନୁଷ୍ଠିତ ହୋଇଯାଇଛି । ଚିନିକଳ ବନ୍ଦକୁ ବିଭିନ୍ନ ସଂଗଠନ ତରଫରୁ ନିନ୍ଦା କରାଯିବା ସହ ଏହାର ପ୍ରତିବାଦ କରାଯାଉଛି । ଏ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେବା ଉଦ୍ଦେଶ୍ୟରେ ନୟାଗଡ ଜିଲା ଚିନିକଳ କ୍ରିୟାନୁଷ୍ଠାନ କମିଟି ଜାନୁୟାରୀ ୩୦ରେ ନୟାଗଡଠାରୁ ପଦଯାତ୍ରାରେ ବାହାରି ଫେବୃୟାରୀ ୩ ତାରିଖରେ ନବୀନ ନିବାସ ଅଭିମୁଖେ ଯାଉଥିବା ସମୟରେ ପୋଲିସ ଆନ୍ଦୋଳନକାରୀଙ୍କୁ ଗିରଫ କରିଥିଲା । ଫଳରେ ଆନ୍ଦୋଳନକାରୀଙ୍କ ଉଦ୍ଦେଶ୍ୟ ପୂରଣ ହୋଇ ପାରି ନ ଥିଲା। ତେଣୁ ଏହି ଆନ୍ଦୋଳନକୁ ବ୍ୟାପକ କରିବା ଉଦ୍ଦେଶ୍ୟରେ ଜିଲାର ବିଭିନ୍ନ ସ୍ଥାନରେ ଜନ ଜାଗରଣ ସଭାର ଆୟୋଜନ କରାଯାଇ ଆନ୍ଦୋଳନରେ ସାମିଲ ହେବା ପାଇଁ ଚିନିକଳ କ୍ରିୟାନୁଷ୍ଠାନ କମିଟି ତରଫରୁ ଚେଷ୍ଟା କରାଯାଉଥିବା ବେଳେ ମହିପୁରଠାରେ ଏହାର ଶୁଭାରମ୍ଭ କରାଯାଇଛି । ଏହି ଜନ ଜାଗରଣ ସଭାର ନେତୃତ୍ୱ ନେଇଥିଲେ ଚିନିକଳ କ୍ରିୟାନୁଷ୍ଠାନ କମିଟିର ସଭ୍ୟ ଶିବରାମ ମହାପାତ୍ର, ଯୋଗେନ୍ଦ୍ର ଖୁଣ୍ଟିଆ, ସନ୍ତୋଷ ପ୍ରଧାନ ଓ ବିଶ୍ୱନାଥ ମହାପାତ୍ର । ଉକ୍ତ ସଭା ଜିଲାର ବିଭିନ୍ନ ସ୍ଥାନରେ କରାଗଲା ପରେ ଆସନ୍ତା ମାର୍ଚ୍ଚ ୬ ତାରିଖରେ ଜିଲାବ୍ୟାପୀ ଅଖ ଚକ ବନ୍ଦ ଡାକରା ଦିଆଯିବ ବୋଲି ଚିନିକଳ କ୍ରିୟାନୁଷ୍ଠାନ କମିଟି ତରଫରୁ ସୂଚନା ଦିଆଯାଇଛି।



ଜନ ଜାଗରଣ ସଭାରେ କ୍ରିୟାନୁଷ୍ଠାନ କମିଟିର ସଭ୍ୟ।

## ଜାଗର ଉପବାସ କରିଥିବା ଯୁବକଙ୍କ ମୃତ୍ୟୁ

ଖଣ୍ଡପଡା,୨୨।୨(ସ୍ୱ.ପ୍ର.)

ମହାଶିବରାତ୍ରି ଉପଲକ୍ଷେ ଶୁକ୍ରବାର କୋଟପୋଖରୀ ଗ୍ରାମର ଜଣେ ଯୁବକ ଜାଗର ଉପବାସ କରିଥିବାବେଳେ ଶନିବାର ଭୋର ୫ଟାରେ ତାଙ୍କର ହଠାତ୍ ମୃତ୍ୟୁ ହୋଇଛି । ମୃତକ ହେଲେ ଖଣ୍ଡପଡା ବ୍ଲକ ଅଧୀନ ଖଳିସାହି ପଞ୍ଚାୟତ କୋଟପୋଖରୀ ନୂଆସାହିର ଛାଟିଆ ନାୟକ (୪୦)। ସେ ଶୁକ୍ରବାର ଦିନ ତମାମ ଉପବାସ ରହି ରାତିରେ ମହାଦୀପ ଉଠିବା ପରେ ଠାକୁରଙ୍କ ଭୋଗ ପାଇ ପଣା ପିଇଥିଲେ । ସକାଳ ସମୟରେ ହଠାତ୍ ସେ ଅସୁସ୍ଥ ହୋଇପଡିବାରୁ ପରିବାରଲୋକେ ତାଙ୍କୁ ଆଶୁ ଚିକିତ୍ସା ନିମନ୍ତେ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ଏହି ଘଟଣାକୁ ନେଇ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି । ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଙ୍କ ଅକାଳ ବିୟୋଗରେ ମୃତକଙ୍କ ପରିବାରବର୍ଗ ଭାଙ୍ଗି ପଡିଛନ୍ତି।

# ରଥିଆନାଳ ଉପରେ ପୋଲ ନିର୍ମାଣ ଦାବି

ଖଣ୍ଡପଡା,୨୨।୨(ସ୍ୱ.ପ୍ର.)

ଖଣ୍ଡପଡା ବ୍ଲକ ଅନ୍ତର୍ଗତ ମର୍ଦ୍ଦରାଜପୁର ପଞ୍ଚାୟତ ଅଧୀନ ମୁଣ୍ଡିଆ ହନୁମାନଙ୍କ ପୀଠଦେଇ ନିକଟସ୍ଥ ଦହିଖାଇ ବରକୋଳି ବାଇପାସକୁ ସଂଯୋଗ କରୁଥିବା ରାସ୍ତାରେ ଥିବା ରଥିଆନାଳ ଯାତାୟାତରେ ବାଧକ ସାଜୁଛି। ଏହା ଉପରେ ଏକ ପୋଲ ନିର୍ମାଣ ନିମନ୍ତେ ମର୍ଦ୍ଦରାଜପୁର, ବେଣାଗାଡିଆ, ସିଂଘାପଡା ଓ ଗଡିଆସାହି ପ୍ରଭୃତି ୪ ପଞ୍ଚାୟତର ବାସିନ୍ଦା ଦୀର୍ଘବର୍ଷ ଧରି ଦାବି କରି ଆସୁଛନ୍ତି । ଦୂରତ୍ୱ କମ ଦୃଷ୍ଟିରୁ ଉକ୍ତ ରାସ୍ତା ଦେଇ ବର୍ଷତମାମ ୪ ପଞ୍ଚାୟତର ଜନସାଧାରଣ ଯାତାୟାତ କରୁଥିବାବେଳେ ବର୍ଷା ଋତୁ ସମୟରେ ରଥିଆନାଳରେ ପାଣି ଆସିଲେ ଉକ୍ତ ରାସ୍ତା ଦେଇ ଜନସାଧାରଣ ଯାତାୟାତ କରିପାରି ନ ଥାନ୍ତି । ରଥିଆନାଳରେ ପାଣି ରହିବା ଯୋଗୁଁ ବର୍ଷର ୪ ମାସରୁ ଉର୍ଦ୍ଧ୍ୱ ସମୟଧରି ଉକ୍ତ ରାସ୍ତା ଦେଇ ଜନସାଧାରଣ ଯାତାୟାତ କରିପାରି ନ ଥାନ୍ତି। ଏହା ଉପରେ ପୋଲଟିଏ ନିର୍ମାଣ ହେଲେ ୪ ପଞ୍ଚାୟତର ବାସିନ୍ଦା ବିଶେଷଭାବେ ଉପକୃତ ହୋଇପାରନ୍ତେ ବୋଲି ଜଣାପଡିଛି । ପୋଲ ନିର୍ମାଣ ନିମନ୍ତେ ମର୍ଦ୍ଦରାଜପୁର ପଞ୍ଚାୟତବାସୀ ଏନେଇ ପଞ୍ଚାୟତସ୍ତରୀୟ ବୈଠକରେ ନିଷ୍ପତ୍ତି ନେବାପରେ ପରବର୍ତ୍ତୀ ସମୟରେ ଖଣ୍ଡପଡା ପଞ୍ଚାୟତ ସମିତି ବୈଠକରେ ଏ ସମ୍ପର୍କରେ ଆଲୋଚନା କରାଯାଇଥିବା ଜଣାଯାଇଛି । ଏ ସମ୍ପର୍କିତ ପ୍ରସ୍ତାବ ନୟାଗଡ ଜିଲାପାଳ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ, ଖଣ୍ଡପଡା ବିଧାୟକଙ୍କ ସମେତ ଗ୍ରାମ୍ୟ ଉନ୍ନୟନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଅଞ୍ଚଳବାସୀଙ୍କ ପକ୍ଷରୁ ପ୍ରଦାନ କରାଯାଇଛି। ବିଜୁ ସେତୁ ଯୋଜନାରେ ରଥିଆନାଳ ଉପରେ ସେତୁ ନିର୍ମାଣ ନିମନ୍ତେ ଅନୁଦାନ ଅର୍ଥ ମଞ୍ଜୁର କରିବାକୁ ମର୍ଦ୍ଦରାଜପୁର ସରପଞ୍ଚ ବୈକୁଣ୍ଠ ନାଥ ଗୋଛିଙ୍କ ସମେତ ସିଂଘାପଡା, ବେଣାଗାଡିଆ ଓ ଗଡିଆସାହି ପଞ୍ଚାୟତବାସୀ ଦାବି କରିଛନ୍ତି।



ରଥିଆ ନାଳ

# ପାଇକ ଆଖଡ଼ାରେ ଦର୍ଶକ ବିମୁଗ୍ଧ

ରଣପୁର, ୨୨।୨(ସ୍ୱ.ପ୍ର.)

**ମୋ ଗାଁ ମହୋତ୍ସବ**

ନୟାଗଡ ଜିଲା ରଣପୁର ବ୍ଲକ ରାଜସୁନାଖଳା ନରେନ୍ଦ୍ରପୁର ଗ୍ରାମସ୍ଥିତ ପ୍ରସିଦ୍ଧ ଶୈବପୀଠ ଶ୍ରୀ ଶ୍ରୀ ଭୋଳେଶ୍ୱର ଦେବଙ୍କ ପୀଠ ପରିସରରେ ଶନିବାର ମୋ ଗାଁ ମହୋତ୍ସବ-୨୦୨୦ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ସକାଳ ସମୟରେ ଏକ ମଶାଲ ଶୋଭାଯାତ୍ରା ମା କଙ୍କାଳୀଙ୍କ ପୀଠରୁ ବାହାରି ଗ୍ରାମ ପରିକ୍ରମା କରିଥିଲା। ଏହାପରେ ମୁକ୍ତମଞ୍ଚ ପ୍ରଶ୍ନ ପ୍ରତିଯୋଗିତା, ଏକକ ସଂଗୀତ ପ୍ରତିଯୋଗିତା ଏବଂ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ମୁକ୍ତାକାଶ ରଙ୍ଗମଞ୍ଚରେ ଅନୁଷ୍ଠିତ ସାଧାରଣ ସଭାରେ ମହୋତ୍ସବର ଅଧ୍ୟକ୍ଷ ଆର୍ତ୍ତତ୍ରାଣ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ରଶ୍ମିରଞ୍ଜନ ପରିଡା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ବିଧାୟକ ସତ୍ୟନାରାୟଣ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ମହୋତ୍ସବ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ମୁଖ୍ୟବକ୍ତା ଭାବେ ନୟାଗଡ ସେବା ମହୋତ୍ସବ ଅଧ୍ୟକ୍ଷ ତଥା ସମାଜସେବୀ ଶିବରାମ ମହାପାତ୍ର ଯୋଗ ଦେଇଥିଲେ। କମିଟିର ମୁଖ୍ୟ ଉପଦେଷ୍ଟା ଚିତ୍ତରଞ୍ଜନ ପ୍ରଧାନ ମହୋତ୍ସବକୁ ଦୀର୍ଘ ସ୍ଥାୟୀକରିବା ପାଇଁ ଇଚ୍ଛାପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ବୋଲଗଡ ଏକ୍ସପ୍ରେସ୍ ତଥା ବ୍ୟଙ୍ଗକବି ବ୍ରଜବିହାରୀ ସୁବୁଦ୍ଧି, ଚଳଚ୍ଚିତ୍ର ଅଭିନେତ୍ରୀ ଐଶ୍ୱର୍ଯ୍ୟା, ହରମୋହନ ସାମନ୍ତରାୟ, ନିରଞ୍ଜନ ପାଇକରାୟ, ପାଣ୍ଡବ ସେଠୀ, ପ୍ରାକ୍ତନ ସରପଞ୍ଚ ପ୍ରଭାକର ସ୍ୱାଇଁ, ଲକ୍ଷ୍ମୀଧର ବାହିନୀପତି, ଚଳଚ୍ଚିତ୍ର ନିର୍ଦ୍ଦେଶିକା ମମତା ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଆସିଥିବା ପାଇକ ଆଖଡ଼ା, ଓଡ଼ିଶୀ ନୃତ୍ୟ କଳାକାରଙ୍କ ନୃତ୍ୟ ପରିବେଷଣ ଦର୍ଶକଙ୍କ ମନକୁ ଛୁଇଁଥିଲା । ଓଡ଼ିଶୀ ନୃତ୍ୟଗୁରୁ ଲିମା ଦାସ, ଉପସ୍ଥାପିକା ସୁଶ୍ରୀ ଲୟାମ୍ବିକା, ଉପସ୍ଥାପକ ଜୟେନ୍ଦ୍ର ବେହେରାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ମହୋତ୍ସବ ଅଧ୍ୟକ୍ଷ ଆର୍ତ୍ତତ୍ରାଣ ପ୍ରଧାନ ବିଧାୟକ ପ୍ରଧାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ ।



କଳାକାରଙ୍କ ଦ୍ୱାରା ପାଇକ ଆଖଡ଼ା ପ୍ରଦର୍ଶନ।